## ସାପ୍ତାହିକ କାର୍ଯ୍ୟକ୍ରମ

ଅନୁଗୋଳ
୨୨।୯।୧୯
▶ରକ୍ତଦାନ ଶିବିର
ସ୍ଥାନ– ଗୀତାଗ୍ରାମ
ସମୟ– ପୂର୍ବାହ୍ନ ୯ ଟା
▶ଓଡ଼ିଶା ସାମ୍ବାଦିକ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ
ସ୍ଥାନ– ଫରେଷ୍ଟ ରେଞ୍ଜର୍ସ କଲେଜର ସମ୍ମିଳନୀ କକ୍ଷ
ସମୟ– ପୂର୍ବାହ୍ନ ୧୧ ଟା
▶ବିଶ୍ୱକର୍ମା ପୂଜା ଅବସରରେ ଜଳ ବିତରଣ
ସ୍ଥାନ– ନାଲ୍‌କୋ
ସମୟ– ସନ୍ଧ୍ୟା ୬ ଟା
ଅନୁଗୋଳ
୨୩।୯।୧୯
▶ମିଳିତ ଜନଶୁଣାଣି ଶିବିର
ସ୍ଥାନ– ପାଲଲହଡ଼ା ବ୍ଲକ କାର୍ଯ୍ୟାଳୟ
ସମୟ– ପୂର୍ବାହ୍ନ ୧୦ଟା
▶ଲକ୍ଷ୍ମୀନାରାୟଣ ପାଠାଗାର ଉଦ୍‌ଘାଟନ
ସ୍ଥାନ– ଡିଆଇସି ଛକ, ହେମସୁରପଡ଼ା
ସମୟ– ପୂର୍ବାହ୍ନ ସାଢେ ୧୦ଟା

■ଓଡ଼ିଶା ଲୋକାୟୁକ୍ତ ଅଧିନିୟମ ସଚେତନତା ବୈଠକ

# ଦୁର୍ନୀତିଗ୍ରସ୍ତଙ୍କ ବିରୋଧରେ ଅଭିଯୋଗ ପାଇଁ ଆହ୍ୱାନ

**ଅନୁଗୋଳ ଅଫିସ, ୨୧।୯**

ସମାଜର ପ୍ରତ୍ୟେକ ସ୍ତରରୁ ଦୁର୍ନୀତି ହଟାଇ ଲୋକମାନଙ୍କୁ ମୂଲ୍ୟବୋଧଭିତ୍ତିକ ସେବା ଯୋଗାଇ ଦେବା ଉଦ୍ଦେଶ୍ୟରେ ସରକାର ଓଡ଼ିଶା ଲୋକାୟୁକ୍ତ ଅଧିନିୟମ ୨୦୧୪କୁ ଗତବର୍ଷ ଜୁଲାଇ ୭ରେ କାର୍ଯ୍ୟକାରୀ କରିଛନ୍ତି। ଏହି ନୂତନ ଆଇନ ସମ୍ପର୍କରେ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଶନିବାର ପୂର୍ବାହ୍ନରେ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଲୋକାୟୁକ୍ତ ସଦସ୍ୟ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ନ୍ୟାୟମୂର୍ତ୍ତୀ ବିଜୟ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ଏହି ଅବସରରେ ଲୋକାୟୁକ୍ତ ସଦସ୍ୟ ନ୍ୟାୟମୂର୍ତ୍ତି ନାୟକ କହିଥିଲେ ଯେ, ପ୍ରଚଳିତ ଦୁର୍ନୀତି ନିବାରଣ ଆଇନ, ସୂଚନା ଅଧିକାର ଆଇନ ବଳବତ୍ତର ଥାଇ ମଧ୍ୟ କିଛି ମୁଷ୍ଟିମେୟ ଲୋକ ଦୁର୍ନୀତିରେ ଲିପ୍ତ ରହୁଛନ୍ତି। ଫଳରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ସୁଫଳ ହିତାଧିକାରୀଙ୍କ ପାଖରେ ପହଞ୍ଚି ପାରୁନାହିଁ। ଯେଉଁମାନେ ଏପରି କାର୍ଯ୍ୟ କରୁଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଏହି ଆଇନର ଆଶ୍ରୟ ନେବାକୁ ସଦସ୍ୟ ଆହ୍ୱାନ ଦେଇଥିଲେ। ଲୋକାୟୁକ୍ତ ପ୍ରତିଷ୍ଠା ହେବା ପରେ ବର୍ତ୍ତମାନ ସୁଦ୍ଧା ୩୩୮ଟି ଅଭିଯୋଗ ଦାଖଲ ହୋଇଥିବା ବେଳେ ୧୮୮ଟି ଅଭିଯୋଗର ସମାଧାନ ହୋଇଛି। ୧୫୦ଟି ନୂଆ ଅଭିଯୋଗ ଉପରେ ବିଚାର କରାଯିବ। ଅଭିଯୋଗ ଦାଖଲର ୬୦ ଦିନ ପରେ ତଦନ୍ତ ରିପୋର୍ଟ ଓ ୬ ମାସ ମଧ୍ୟରେ ଅନୁସନ୍ଧାନ ରିପୋର୍ଟ ଦେବାକୁ ପଡ଼ିବ। ଅଭିଯୋଗର ବିଚାର ପାଇଁ ୨ରୁ ୩ ଜଣଙ୍କୁ ନେଇ ଏକ ବେଞ୍ଚ ପ୍ରତିଷ୍ଠା କରାଯିବ। ଏହି ଆଇନ କଡ଼ାକଡ଼ି ଭାବେ ପାଳନ କରାଯିବ। ଯଦି ମିଥ୍ୟା ଅଭିଯୋଗ କରି ଲୋକାୟୁକ୍ତଙ୍କୁ ବିଭ୍ରାନ୍ତିକର ତଥ୍ୟ ଦେବାର ପ୍ରମାଣ ମିଳେ ସେପରି ବ୍ୟକ୍ତିଙ୍କ ବିରୋଧରେ ମଧ୍ୟ ଦଣ୍ଡବିଧାନ କରାଯିବ। ଲୋକାୟୁକ୍ତର ଅନ୍ୟତମ ସଦସ୍ୟ ଡ. ଦେବବ୍ରତ ସ୍ୱାଇଁ ଓ ଡ. ରାଜେନ୍ଦ୍ର ପ୍ରସାଦ ଶର୍ମା ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଏହା ସରକାରଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ମତବ୍ୟକ୍ତ କରିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ଅନୁଗୋଳ ଜିଲା ଓ ସେସନ୍ସ ଜଜ୍ ଅଶାନ୍ତ କୁମାର ଦାସ ଯୋଗଦେଇ ଜିଲାର ଗରିବ ଲୋକମାନଙ୍କୁ ଆଇନ ସେବା ଯୋଗାଇ ଦେବା ସହ ବିଭିନ୍ନ ସ୍ଥାନରେ ଶିବିର ଆୟୋଜନ କରାଯାଇ ଆଇନ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯିବ ବୋଲି କହିଥିଲେ। ଉତ୍ତର କେନ୍ଦ୍ରାଞ୍ଚଳ ଡିଆଇଜି ନରସିଂହ ଭୋଳ ଓ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷଣ ପ୍ରଦୀପରାଜ କାରାଟ ଯୋଗଦେଇ ନୂତନ ଆଇନ କାର୍ଯ୍ୟକାରୀ ହେବା ଦ୍ୱାରା ସମାଜରେ ଗରିବ ଲୋକମାନେ ଉଚିତ ନ୍ୟାୟ ପାଇବେ ବୋଲି ମତବ୍ୟକ୍ତ କରିଥିଲେ। ଜିଲାପାଳ ମନୋଜ କୁମାର ମହାନ୍ତି ଏହି ନୂତନ ଆଇନର କାର୍ଯ୍ୟଧାରା ସମ୍ପର୍କରେ ଅବଗତ ହୋଇ ଅନ୍ୟମାନଙ୍କୁ ଏହାର ସୁଫଳ ସମ୍ପର୍କରେ ସଚେତନ କରିବାକୁ ପରାମର୍ଶ ଦେଇଥିଲେ। ଅନୁଗୋଳ ଏସ୍‌ପି ଜଗମୋହନ ମୀନା ଆଇନର କାର୍ଯ୍ୟକାରିତାରେ ଆବଶ୍ୟକ ସହଯୋଗ ଯୋଗାଇ ଦେବେ ବୋଲି ପ୍ରକାଶ କରିଥିଲେ। ଜିଲା ଆଇନ ସେବା ପ୍ରାଧିକରଣ ସମ୍ପାଦିକା ଅଭିନନ୍ଦିତା ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କୋର୍ଟ ମ୍ୟାନେଜର ସୁମନ ଆଚାର୍ଯ୍ୟଙ୍କ ସମେତ ଜିଲା ଆଇନ ସେବା ପ୍ରାଧିକରଣର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ। ଓଡ଼ିଶା ଲୋକାୟୁକ୍ତ ଡାଇରେକ୍ଟର ପ୍ରୋସିକ୍ୟୁସନ ଗଜେନ୍ଦ୍ର ମହାପାତ୍ର, ନିର୍ଦ୍ଦେଶକ ଅନୁସନ୍ଧାନ ତ୍ରିଲୋଚନ ପ୍ରଧାନ, ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ, ଅନୁଗୋଳ ବନଖଣ୍ଡ ଅଧିକାରୀ ଭି. କାର୍ତ୍ତିକଙ୍କ ସମେତ ରେଞ୍ଜର୍ସ ଟ୍ରେନିଂ କଲେଜର ପ୍ରଶିକ୍ଷାର୍ଥୀ, ବିଭିନ୍ନ ମହାବିଦ୍ୟାଳୟର ଛାତ୍ରୀଛାତ୍ର, ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟ, ସାମାଜିକ କର୍ମୀ ଓ ବିଭିନ୍ନ ସରକାରୀ ବିଭାଗର କର୍ମଚାରୀମାନେ ଯୋଗଦେଇଥିଲେ। ଓଡ଼ିଶା ଲୋକାୟୁକ୍ତର ସମ୍ପାଦକ ମାନସ ରଞ୍ଜନ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।



ସଚେତନତା କାର୍ଯ୍ୟକ୍ରମରେ ଅତିଥିମାନେ।

■ପ୍ରତିଷ୍ଠା ପରେ ଆସିଛି ୩୩୮ ଅଭିଯୋଗ
■୧୮୮ର କରାଯାଇଛି ସମାଧାନ

■ପୌର ନିର୍ବାହୀ ଅଧିକାରୀଙ୍କୁ ଫେରାଦ ହେଲା ଓକିଲ ସଂଘ

## ଠିକଣା ସମୟରେ ହେଉନି ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ

**ଅନୁଗୋଳ ଅଫିସ, ୨୧।୯**

ପୌରପାଳିକାର ବିଭିନ୍ନ କାର୍ଯ୍ୟକୁ ନେଇ ଅସନ୍ତୋଷ ପ୍ରକାଶ କରିଛି ଅନୁଗୋଳ ଓକିଲ ସଂଘ। ବିଶେଷକରି ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ ଏବଂ ସହର ସଫେଇ ଠିକ୍ ଭାବେ ହେଉ ନ ଥିବା ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ଶନିବାର ନିର୍ବାହୀ ଅଧିକାରୀଙ୍କୁ ଭେଟି ସଂଘ ସଦସ୍ୟମାନେ ଏ ନେଇ ଫେରାଦ ହେବା ସହ ତୁରନ୍ତ ସମାଧାନ କରାଯିବାକୁ ଦାବି କରିଛନ୍ତି। ନ ହେଲେ ସଂଘ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ସଭାପତି ଜିତେନ୍ଦ୍ର ସାହୁ ଚେତାବନୀ ଦେଇଛନ୍ତି।

ଓକିଲ ସଂଘ ସଭାପତି ସାହୁଙ୍କ ସହ ଅନ୍ୟ ସଦସ୍ୟମାନେ ନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ସୁବ୍ରତ କୁମାର ବେହେରାଙ୍କୁ ସାକ୍ଷାତ କରିଥିଲେ। ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ ବିଭାଗରେ ତାଲା ଝୁଲୁଥିବା ସେମାନେ ଅଭିଯୋଗ କରିଥିଲେ। ନିର୍ବାହୀ ଅଧିକାରୀ କର୍ମଚାରୀଙ୍କୁ ଡାକି ଚାବି କାହା ପାଖରେ ଅଛି ପଚରା ଉଚରା କରିଥିଲେ ବି କିଛି ଜଣାପଡ଼ି ନ ଥିଲା। ପରେ ସଂଘ ପକ୍ଷରୁ ସହର ସଫେଇ ସମସ୍ୟା ନେଇ ଆଲୋଚନା କରାଯାଇଥିଲା। କେଉଁ ସମୟରେ ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ, ପ୍ରମାଣପତ୍ର ମିଳିପାରିବ ସେ ନେଇ ବୋର୍ଡ ଲଗାଇବାକୁ ସଂଘ ପକ୍ଷରୁ କୁହାଯାଇଥିଲା। ଏ ନେଇ ପଦକ୍ଷେପ ନିଆଯିବ ବୋଲି ନିର୍ବାହୀ ଅଧିକାରୀ ପ୍ରତିଶ୍ରୁତି ଦେଇଥିବା ସଂଘ ପକ୍ଷରୁ କୁହାଯାଇଛି। ଅନୁପ ଗଡ଼ନାୟକ, ଆଲୋକ ତ୍ରିପାଠୀ, ସନ୍ତୋଷ ସାହୁ, ପୁରନ୍ଦର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ୨୩ରେ ଜନ ଅଭିଯୋଗ ଶୁଣାଣି

ଢେଙ୍କାନାଳ ଅଫିସ,୨୧।୯- ଢେଙ୍କାନାଳ ଜିଲା ଭୁବନ ବ୍ଲକ କାର୍ଯ୍ୟାଳୟରେ ଆସନ୍ତା ୨୩ ତାରିଖ ସୋମବାର ପୂର୍ବାହ୍ନ ୧୦ଟାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ଶିବିରରେ ଜିଲାପାଳ, ଏସ୍‌ପି ଏବଂ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେବେ। ଜନସାଧାରଣଙ୍କ ଆପତ୍ତି ଅଭିଯୋଗର ସମାଧାନ ପାଇଁ ଶିବିରରେ ପଦକ୍ଷେପ ନିଆଯିବ। ସମ୍ପୃକ୍ତ ଅଞ୍ଚଳବାସୀ ସେମାନଙ୍କ ସମସ୍ୟା ଆଣି ଶିବିରକୁ ଆସିପାରିବେ ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଶନିବାର ଜଣାଯାଇଛି।

### ବୃଦ୍ଧାଙ୍କ ବେକରୁ ସୁନାଚେନ୍ ଝାମ୍ପିନେଲେ ଲୁଟେରା

**ଭଦ୍ରକ ଅଫିସ, ୨୧।୯:**
ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ରାହାଞ୍ଜ ବଜାରରୁ ଶନିବାର ସନ୍ଧ୍ୟାରେ ଜଣେ ବୃଦ୍ଧାଙ୍କ ବେକରୁ ସୁନାଚେନ ଝାମ୍ପି ନେଇଛନ୍ତି ଲୁଟେରା। ସୂଚନା ଅନୁସାରେ, ରାହାଞ୍ଜ ଗ୍ରାମର ସୂର୍ଯ୍ୟମଣି ପୃଷ୍ଟି(୫୫) କୌଣସି କାମରେ ଭଦ୍ରକ ଆସିଥିଲେ। ରାହାଞ୍ଜ ଛକରେ ଏକ ଗାଡ଼ିରୁ ଓହ୍ଲାଇ ଘରକୁ ଚାଲି ଚାଲି ଯାଉଥିଲେ। ଏହି ସମୟରେ ଦୁଇଜଣ ଲୁଟେରା ବାଇକ୍‌ରେ ତାଙ୍କୁ ପିଛା କରି ସେ ପିନ୍ଧିଥିବା ସୁନାଚେନ୍ ଓ କାନଫୁଲ ଝାମ୍ପି ନେଇଯାଇଥିବା ସୂର୍ଯ୍ୟମଣି କହିଛନ୍ତି। ସ୍ଥାନୀୟ ବଜାରର କେତେକ ଲୋକ ଏ ସମ୍ପର୍କରେ ଜାଣିବା ପରେ ଲୁଟେରାଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ପାଇ ନ ଥିଲେ।

# ଆଶା ତାଲିମ ଶିବିର ଉଦ୍‌ଯାପିତ



**ବଇଣ୍ଡା,୨୧।୯(ଡି.ଏନ.ଏ)**

କିଶୋରନଗର ବ୍ଲକ ବଣିନାଳୀ ବିଶ୍ୱ ଯୁବକେନ୍ଦ୍ର ପରିସରରେ ଚାଲିଥିବା ଆଶା ତାଲିମ ଶିବିର ଶନିବାର ଉଦ୍‌ଯାପିତ ହୋଇଛି। ବିଶ୍ୱ ଯୁବ କେନ୍ଦ୍ରର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ କିଶୋରନଗର ବ୍ଲକର ୩୬ ଜଣ ଆଶାକର୍ମୀ ଅଂଶଗ୍ରହଣ କରିଥିଲେ। ଏଥିରେ ବଇଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ସରୋଜ କୁମାର ନନ୍ଦ, ମହେଶ ଧଳ ଯୋଗଦେଇ ଆଶାକର୍ମୀଙ୍କ ଦାୟିତ୍ୱ ଉପରେ ଆଲୋକପାତ କରିଥିଲେ। ଏଥିସହ କିଭଳି ଗର୍ଭବତୀ ମହିଳାଙ୍କୁ ଠିକ୍ ସମୟରେ ଚିକିତ୍ସା ଯୋଗାଇଦେବେ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ସ୍ୱାସ୍ଥ୍ୟ ମିଶନର ଅଧିକାରୀ ବିକାଶିନୀ ପରିଡ଼ା ଯୋଗଦେଇ ଗ୍ରାମାଞ୍ଚଳରେ ପ୍ରସୂତି ଓ ଶିଶୁ ମୃତ୍ୟୁହାର କିଭଳି ରୋକାଯାଇ ପାରିବ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। ଅଭିଶେକ ମହାପାତ୍ର, ରମେଶ ଦେହୁରି ପ୍ରମୁଖ ସହଯୋଗ କରିଥିଲେ।

## ଗ୍ରାମକୁ ମଦମୁକ୍ତ କରିବା ପାଇଁ ଉପଜିଲାପାଳଙ୍କୁ ଅଭିଯୋଗ

**କାମାକ୍ଷାନଗର,୨୧।୯(ଡି.ଏନ.ଏ)**

ଗ୍ରାମକୁ ମଦମୁକ୍ତ କରିବା ପାଇଁ ଢେଙ୍କାନାଳ ଜିଲା କଙ୍କଡାହାଡ଼ ବ୍ଲକ ମକୁଆକାଟେଣି ଜୁଆଙ୍ଗ ସାହିର ଶତାଧିକ ମହିଳା ଶନିବାର କାମାକ୍ଷାନଗର ଉପଜିଲାପାଳ ଇଂ. ବିଷ୍ଣୁପ୍ରସାଦ ଆଚାର୍ଯ୍ୟଙ୍କଠାରେ ଦାବି କରିଛନ୍ତି। ଗ୍ରାମରେ ଖୋଲାଖୋଲି ଦେଶୀ ମଦ ବିକ୍ରି ହେଉଛି। ଯେଉଁ ବ୍ୟକ୍ତି ଏହାକୁ ବିରୋଧ କରୁଛି ତାକୁ ଆକ୍ରମଣ କରାଯାଉଛି। ତେଣୁ ସମ୍ପୂର୍ଣ୍ଣ ଭାବେ ଗ୍ରାମରେ ମଦ ବିକ୍ରି ବନ୍ଦ କରିବାକୁ ମହିଳାମାନେ ଉପଜିଲାପାଳଙ୍କୁ ଅଭିଯୋଗ କରିଥିଲେ। ନାରୀ ନେତ୍ରୀ ଶାନ୍ତିଲତା ବେହେରାଙ୍କ ନେତୃତ୍ୱରେ ଉର୍ବଶୀ ପଧାନ, ସୁଭଦ୍ରା ପଧାନ, ଅମ୍ବିକା ପଧାନ, ପ୍ରମିଳା ପଧାନ, ବୋଧେଇ ପଧାନଙ୍କ ସମେତ ବହୁ ମହିଳା ସାମିଲ ଥିଲେ।

■ସର୍ବଭାରତୀୟ ଆମନ୍ତ୍ରଣ ଫୁଟବଲ ପ୍ରତିଯୋଗିତା

## କ୍ୱାର୍ଟର ଫାଇନାଲରେ କଟକ ସ୍ପୋର୍ଟସ ହଷ୍ଟେଲ

**ଢେଙ୍କାନାଳ ଅଫିସ,୨୧।୯**

ଢେଙ୍କାନାଳ କ୍ରୀଡ଼ା ସଂଘ ପକ୍ଷରୁ ସ୍ଥାନୀୟ ଷ୍ଟାଡିୟମଠାରେ ଅନୁଷ୍ଠିତ ହେଉଥିବା ପ୍ରଥମ ସର୍ବଭାରତୀୟ ଆମନ୍ତ୍ରଣ ଫୁଟବଲ ପ୍ରତିଯୋଗିତାରେ ଶନିବାର କଟକ ସ୍ପୋର୍ଟସ୍ ହଷ୍ଟେଲ ଓ ଫୁଲବାଣୀ ଏକାଦଶ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚରେ କଟକ ଟାଇବ୍ରେକର ଜରିଆରେ ଫୁଲବାଣୀ ଏକାଦଶକୁ ୫–୪ ଗୋଲରେ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ନିର୍ଦ୍ଧାରିତ ସମୟରେ କେହି କାହାରିକୁ ଗୋଲ ଦେଇ ନ ପାରିବାରୁ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଏଥିରେ କଟକ ସ୍ପୋର୍ଟସ୍ ହଷ୍ଟେଲ ବିଜୟୀ ହୋଇଥିଲା। ଦଳର ସିପୁ ବେହେରା ଶ୍ରେଷ୍ଠ ଖେଳାଳି ଭାବେ କ୍ରୀଡାବିତ ମୁରଲୀଧର ଭଞ୍ଜଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ରେଫରୀ ଆଶୀର୍ବାଦ କାନୁନଗୋ, କିଷନ ଦାସ, ସୁବ୍ରତ ପୁରୋହିତ ଓ ଅରୁଣ କୁମାର ନାୟକ ଖେଳ ପରିଚାଳନା କରିଥିଲେ। ଏସ୍‌ପି ଅନୁପମା ଜେମ୍‌ସ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲା କ୍ରୀଡା ସଂଘ ସମ୍ପାଦକ ନଳିନୀ କୁମାର ଦାସ, ଯୁଗ୍ମ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, ଗୌରାଙ୍ଗ ସେଠୀ, ସାରଙ୍ଗଧର ମିଶ୍ର, ପ୍ରଦ୍ୟୁମ୍ନ ପାଢୀ, ସୁନୀଲ କୁମାର ପଣ୍ଡା, ସରୋଜ କୁମାର ପାଢୀ, ପ୍ରେମାନନ୍ଦ ବିହାରୀ, ପ୍ରତାପ ମହାନ୍ତି, ପର୍ଶୁରାମ ମିଶ୍ର, ରଞ୍ଜନ କୁମାର ସାହୁ, ଶ୍ୟାମସୁନ୍ଦର ମହାପାତ୍ର ଓ ଗିରିଜା ମହାନ୍ତି ପ୍ରମୁଖ କ୍ରୀଡାବିତମାନେ ଉପସ୍ଥିତ ଥିଲେ। ଶତ୍ରୁଘ୍ନ ମାଟି ଧାରା ବିବରଣୀ ପ୍ରଦାନ କରିଥିଲେ। ରବିବାର ପ୍ରଥମ କ୍ୱାର୍ଟର ଫାଇନାଲରେ ସମ୍ବଲପୁର ସ୍ପୋର୍ଟସ ହଷ୍ଟେଲ, କଟକ ସ୍ପୋର୍ଟସ ହଷ୍ଟେଲକୁ ଭେଟିବ।

## ନିର୍ମାଣ ଶ୍ରମିକ ସଂଘ ସମନ୍ୱୟ କମିଟି ବୈଠକ


ଶ୍ରମିକ ସଂଘ ସମନ୍ୱୟ କମିଟି ପକ୍ଷରୁ ଅନୁଷ୍ଠିତ ବୈଠକ।

**ଅନୁଗୋଳ ଅଫିସ, ୨୧।୯**

ଅନୁଗୋଳ ଜିଲା ନିର୍ମାଣ ଶ୍ରମିକ ସଂଘ ସମନ୍ୱୟ କମିଟି ପକ୍ଷରୁ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଶିଶୁ ଉଦ୍ୟାନ ଠାରେ ଶନିବାର ଅପରାହ୍ନରେ ଅନୁଷ୍ଠିତ ଉକ୍ତ ବୈଠକରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଓଡ଼ିଶା କୋଠାବାଡ଼ି ନିର୍ମାଣ ଶ୍ରମିକଙ୍କ ପଞ୍ଜୀକରଣ ପୂର୍ବରୁ ଦୁଇ ଥର ଖାରଜ ହୋଇଥିବାରୁ ସଂଘ କାର୍ଯ୍ୟକର୍ତ୍ତାଙ୍କୁ ଏ ନେଇ ଆବେଦନ କରିଥିବା ଶ୍ରମିକମାନଙ୍କ ଆକ୍ରୋଶର ଶିକାର ହେବାକୁ ପଡୁଛି ବୋଲି ସଂଘ ସଭାପତି ବିଭୂତି ଭୂଷଣ ସାହୁ କହିଥିଲେ। ସେ କହିଥିଲେ ଯେ, ୨୦୧୮ ମେ ୧୩ରେ ଡିଆର୍‌ଡିଏ ହଲ୍‌ରେ ଅନୁଷ୍ଠିତ ସଭାରେ ତତ୍‌କାଳୀନ ଶ୍ରମ ଅଧିକାରୀଙ୍କୁ ପଞ୍ଜୀକରଣ ସଂଖ୍ୟା ବୃଦ୍ଧି କରିବାକୁ କୁହାଯାଇଥିଲା। କିନ୍ତୁ ପଞ୍ଜୀକରଣ ବନ୍ଦ କରାଯାଇଛି। ସେହିପରି ୨୦୧୬ରୁ ଆବେଦନ କରାଯାଇଥିବା ନିର୍ମାଣ ଶ୍ରମିକଙ୍କୁ ସାଇକେଲ, ଶ୍ରମ ଯନ୍ତ୍ରପାତି ଓ ସୁରକ୍ଷା ପୂର୍ବକ ସାମଗ୍ରୀ ବଣ୍ଟନ ବନ୍ଦ ରଖାଯାଇଛି। ୨୦୧୮–୧୯ରେ ମୃତ୍ୟୁକାଳୀନ ସହାୟତା, ବାହାଘର ଓ ଶିକ୍ଷା ସହାୟତା ମଧ୍ୟ ଅଦ୍ୟାବଧି ଦିଆଯାଇ ନ ଥିବା ସଂଘ ପକ୍ଷରୁ ଅଭିଯୋଗ ହୋଇଛି। ଏ ନେଇ ନିର୍ମାଣ ଶ୍ରମିକମାନଙ୍କ ମଧ୍ୟରେ ଅସନ୍ତୋଷ କୁହୁଳିବାରେ ଲାଗିଛି। ତୁରନ୍ତ ଦାବି ଗୁଡ଼ିକ ପୂରଣ କରା ନ ଗଲେ ଶ୍ରମିକ ଓ ଶ୍ରମିକ ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ବୈଠକରେ ଚେତାବନୀ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ରଶ୍ମୀରଞ୍ଜନ ଶ୍ରୀକୁମାର, ସଂଯୋଜକ ପ୍ରିୟବ୍ରତ ବେହେରା ପ୍ରମୁଖଙ୍କ ସହ ବହୁ ଶ୍ରମିକ ଉପସ୍ଥିତ ଥିଲେ।

# ଜିଲାପାଳ-ଓକିଲ ସଂଘ ବିବାଦ ସମାଧାନ

**ଢେଙ୍କାନାଳ ଅଫିସ,୨୧।୯**

ଢେଙ୍କାନାଳ ଜିଲାପାଳ ଓ ଓକିଲ ସଂଘ ମଧ୍ୟରେ ଶୁକ୍ରବାର ଦେଖାଦେଇଥିବା ବିବାଦର ସମାଧାନ ହୋଇଛି। ଶନିବାର ମଧ୍ୟାହ୍ନରେ ଉଭୟ ପକ୍ଷ ମଧ୍ୟରେ ହୋଇଥିବା ଆଲୋଚନାର ସୁଫଳ ମିଳିଥିବା ଜଣାପଡ଼ିଛି। ଏ ନେଇ ଜିଲାପାଳ କହିଛନ୍ତି, ଭୁଲ ବୁଝାମଣା ହୋଇଥିଲା। ଉଭୟ ପକ୍ଷ ଆଲୋଚନା କରିବା ପରେ ସମାଧାନ ହୋଇଥିଲା। ସେହିପରି ଘଟଣା ପାଇଁ ଜିଲାପାଳ ଅନୁତପ୍ତ ବୋଲି ଆଲୋଚନାରୁ ଜାଣିବା ପରେ ଆନ୍ଦୋଳନ ପ୍ରତ୍ୟାହାର କରିନିଆଯାଇଥିବା ଓକିଲ ସଂଘ ପକ୍ଷରୁ କୁହାଯାଇଛି।

ଶନିବାର ପୂର୍ବାହ୍ନ ୧୦ଟାରୁ ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଥିଲା। ପ୍ରଶାସନିକ ଅଧିକାରୀମାନେ ମଧ୍ୟ କାର୍ଯ୍ୟାଳୟରେ ଅନୁପସ୍ଥିତ ରହିଥିଲେ। ପୂର୍ବାହ୍ନ ୧୧ଟାରେ ଜିଲାପାଳଙ୍କ ସହ ବୈଠକ ପରେ ଅତିରିକ୍ତ ଜିଲାପାଳଙ୍କ ପକ୍ଷରୁ ଜିଲା ଓକିଲ ସଂଘକୁ ଆଲୋଚନା ପାଇଁ ନିମନ୍ତ୍ରଣ କରାଯାଇଥିଲା। ଓକିଲ ସଂଘ ପକ୍ଷରୁ ମଧ୍ୟ ମଧ୍ୟାହ୍ନ ସାଢେ ୧୨ଟାରେ ସଂଘ କାର୍ଯ୍ୟାଳୟରେ ବୈଠକ କରାଯାଇ କୋର୍ଟ କାର୍ଯ୍ୟକୁ ବନ୍ଦ ରଖାଯାଇଥିଲା। ଏହାପରେ ସର୍କିଟ ହାଉସଠାରେ ଜିଲାପାଳ ଭୂମେଶଚନ୍ଦ୍ର ବେହେରା, ଏସ୍‌ପି ଅନୁପମା ଜେମ୍‌ସ ଓ ଅନ୍ୟ ପ୍ରଶାସନିକ ଅଧିକାରୀଙ୍କ ସହ ଜିଲା ଓକିଲ ସଂଘ ସଭାପତି ସଞ୍ଜୟ କୁମାର ମିଶ୍ର, ସମ୍ପାଦକ ଟଙ୍କଧର ବେହେରାଙ୍କ ସମେତ ବହୁ ଆଇନଜୀବୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରାୟ ଦେଢଘଣ୍ଟା ଧରି ଚାଲିଥିବା ଏହି ବୈଠକରେ ଉଭୟ ପକ୍ଷ ମଧ୍ୟରେ ଦେଖାଦେଇଥିବା ବିବାଦର ସମାଧାନ କରାଯାଇଥିଲା। ଏହି ଆଲୋଚନା ପରେ ଜିଲାପାଳ କହିଥିଲେ ଯେ, କାହାକୁ ଦୁର୍ବ୍ୟବହାର ପ୍ରଦର୍ଶନ କରାଯାଇ ନାହିଁ। ଆଇନ ଶୃଙ୍ଖଳାକୁ ନେଇ ଶୁକ୍ରବାର ଏକ ଜରୁରୀ ବୈଠକ ଚାଲିଥିଲା। ସେଥିପାଇଁ ୧୫ ମିନିଟ ବିଳମ୍ବ ହୋଇଥିଲା। ବିଳମ୍ବ ପାଇଁ ଆଇନଜୀବୀମାନେ ଅଭିଯୋଗ କରିବା ବେଳେ ସେମାନଙ୍କୁ ବୁଝାଇଥିଲି। କେହି କାହାକୁ ଦୁର୍ବ୍ୟବହାର ପ୍ରଦର୍ଶନ କରିନାହାନ୍ତି। ତଥାପି ଶୁକ୍ରବାର ଜିଲା କାର୍ଯ୍ୟାଳୟରେ ଯେଉଁ ଘଟଣା ଘଟିଗଲା ସେଥିରେ ଉଭୟ ପକ୍ଷ ମଧ୍ୟରେ ବୁଝାମଣାର ଅଭାବ ରହିଥିଲା ବୋଲି ବୈଠକରେ ସମସ୍ତେ ସ୍ୱୀକାର କଲେ। ଯେହେତୁ ଆମେ କାହାକୁ ଦୁର୍ବ୍ୟବହାର ପ୍ରଦର୍ଶନ କରିନାହୁଁ ସେଥିପାଇଁ ନିସର୍ତ୍ତ କ୍ଷମା ମାଗିବାର ପ୍ରଶ୍ନ ଉଠୁନାହିଁ। ଏତିକି କହିବି ଯେ ଘଟଣା ଦୁର୍ଭାଗ୍ୟଜନକ। ଯେହେତୁ ଆମେ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ମଧ୍ୟରେ କାର୍ଯ୍ୟ କରୁଛୁ, ତେଣୁ କୌଣସି ପ୍ରକାର ମାମଲା ରୁଜୁ କରାଯିବ ନାହିଁ ବୋଲି ଜିଲାପାଳ କହିଥିଲେ। ସେହିପରି ଜିଲା ଓକିଲ ସଂଘ ସଭାପତି ସଞ୍ଜୟ କୁମାର ମିଶ୍ର କହିଲେ ଯେ, ପ୍ରଶାସନ ପକ୍ଷରୁ ଓକିଲ ସଂଘକୁ ଅନୁରୋଧପତ୍ର ମାଧ୍ୟମରେ ଆଲୋଚନା ପାଇଁ ଜଣାଯିବା ପରେ ସର୍କିଟ ହାଉସଠାରେ ବୈଠକ ବସିଥିଲା। ଉକ୍ତ ବୈଠକରେ ଜିଲାପାଳ କହିଥିଲେ ଯେ, ଆଇନଜୀବୀମାନେ ଯେଉଁ ସମସ୍ୟା ଉପସ୍ଥାପନ କରିବେ ତାହାର ସମାଧାନ ପାଇଁ ପଦକ୍ଷେପ ନିଆଯିବ। ଜିଲାପାଳ ମଧ୍ୟ ଏହି ଘଟଣାକୁ ନେଇ ଦୁଃଖ ପ୍ରକାଶ କରିଥିଲେ ଏବଂ ଦୁର୍ଭାଗ୍ୟଜନକ ବୋଲି କହିଥିଲେ। ଆଲୋଚନାରୁ ସେ ଅନୁତପ୍ତ ବୋଲି ଜଣାପଡ଼ିଲା। ଜିଲା ମୁଖ୍ୟ ଚିକିତ୍ସାଳୟ ରାସ୍ତାରେ ଟ୍ରାଫିକ ବ୍ୟବସ୍ଥା ସୁଧାରିବ ପାଇଁ ଅନୁରୋଧ କରିଥିଲୁ। ସେ ଏସ୍‌ପିଙ୍କ ସହ ଘଟଣାସ୍ଥଳ ପରିଦର୍ଶନ କରିବା ପରେ ଏ ସମ୍ପର୍କରେ ପଦକ୍ଷେପ ନେବା ପାଇଁ କହିଥିଲେ। ସବୁ କ୍ଷେତ୍ରରେ ସହଯୋଗ ମନୋଭାବ ନେଇ କାର୍ଯ୍ୟ କରାଯିବ ବୋଲି ଆଲୋଚନା ହେବାପରେ ଆନ୍ଦୋଳନ ପ୍ରତ୍ୟାହାର କରି ନିଆଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ, ଅତିରିକ୍ତ ଏସ୍‌ପି ହରେକୃଷ୍ଣ ପ୍ରଧାନ, ପିଡି ଡିଆରଡିଏ ନରୋତ୍ତମ ବେହେରା, ଆରଆଇସି ଜିଏମ୍ ଉମାକାନ୍ତ ରାଜ, ସଦର ଏସ୍‌ଡିପିଓ ଶ୍ରୀହର୍ଷ ମିଶ୍ରଙ୍କ ସମେତ ବହୁ ସଂଖ୍ୟାରେ ଆଇନଜୀବୀ ଉପସ୍ଥିତ ଥିଲେ।


ବିବାଦ ତୁଟିବା ପରେ ଜିଲାପାଳ ଓ ଏସ୍‌ପିଙ୍କ ସହ ଆଇନଜୀବୀମାନେ।

■ଉଭୟ ପକ୍ଷରୁ ବୁଝାମଣାର ଅଭାବ ଥିଲା-ଜିଲାପାଳ
■ସହଯୋଗ ପାଇଁ ପ୍ରଶାସନର ପ୍ରତିଶ୍ରୁତି-ଓକିଲ ସଂଘ

## ସଂକ୍ଷେପରେ

### ଟ୍ରାକ୍ଟର ଧକ୍କାରେ ସ୍କୁଟି ଆରୋହୀ ମୃତ

ଢେଙ୍କିକୋଟ, ୨୧।୯(ଡି.ଏନ୍.ଏ.)- ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ କପାସପଡ଼ା ଗ୍ରାମରେ ଶୁକ୍ରବାର ରାତିରେ ଏକ ଟ୍ରାକ୍ଟର ଧକ୍କାରେ ସ୍କୁଟି ଆରୋହୀର ମୃତ୍ୟୁ ଘଟିଥିବାବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ଘଟଣାରୁ ପ୍ରକାଶ ଯେ କେତାଙ୍ଗ ଗ୍ରାମର ଭାଗବତ ଗିରି(୫୦) ଏବଂ ଗ୍ରାମର ନବିନା ସିଂ(୩୦) ଦୁହେଁ ସ୍କୁଟି ଯୋଗେ ନିଜ ଘରକୁ ଯାଉଥିଲେ। ବିପରୀତ ଦିଗରୁ ଏକ ଟ୍ରାକ୍ଟର ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ତୁରନ୍ତ ଉଭୟଙ୍କୁ ଘଟଗାଁ ଡାକ୍ତରଖାନାକୁ ପଠାଇଥିଲେ। ଚିକିତ୍ସିତ ଅବସ୍ଥାରେ ଭାଗବତ ଗିରିଙ୍କ ମୃତ୍ୟୁ ଘଟିଥିବାବେଳେ ଆହତ ନବିନା ସିଂକୁ ଡାକ୍ତର କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରିଛନ୍ତି। ଖବରପାଇ ଢେଙ୍କିକୋଟ ଫାଣ୍ଡି ଅଧିକାରୀ ସତ୍ୟ ନାରାୟଣ ପରିଡ଼ା, ମହିଳା କନଷ୍ଟେବଳ ଛବିରାଣୀ ନାଏକ ଡାକ୍ତରଖାନାରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛନ୍ତି।

### ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଟିକାକରଣ

ରାଇସୁଆଁ,୨୧।୯(ଡି.ଏନ.ଏ.)- କେନ୍ଦୁଝର ଜିଲା ସଦର ବ୍ଲକ ଅନ୍ତର୍ଗତ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୦ ତାରିଖରୁ ଆନ୍ତଃ ବ୍ୟକ୍ତିଗତ ଯୋଗାଯୋଗ କୌଶଳ ବୃଦ୍ଧି ତାଲିମ ଶିବିର ଅନୁଷ୍ଠିତ ହେଉଛି। ଏହି କାର୍ଯ୍ୟକ୍ରମ ଆସନ୍ତା ମାସ ୪ ତାରିଖ ପର୍ଯ୍ୟନ୍ତ ୧୦ଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ ବୋଲି ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ୩୫୦ଜଣ ଆଶା କର୍ମୀ ଏବଂ ଅଙ୍ଗନୱାଡି କର୍ମୀ ଯୋଗ ଦେଇଥିଲେ।

### ବ୍ୟବଚ୍ଛେଦ ବେଳେ କର୍ମଚାରୀଙ୍କ ଜୁଲମ

ଢେ଼ଙ୍କିକୋଟ, ୨୧।୯(ଡି.ଏନ୍.ଏ.)- କେନ୍ଦୁଝର ଜିଲା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। କୌଣସି ଘଟଣା, ଦୁର୍ଘଟଣା ଏବଂ ଅପମୃତ୍ୟୁ ହେଲେ ଗରିବ ଆଦିବାସୀ ଲୋକେ ବ୍ୟବଚ୍ଛେଦ କରିବା ପାଇଁ ବହୁ ହଇରାଣ ହେଉଛନ୍ତି। ଘଟଗାଁ ବ୍ଲକ୍, ହରିଚନ୍ଦନପୁର, ପାଟଣା ଏବଂ ସଦର ବ୍ଲକ୍‌ର ବହୁ ଗ୍ରାମର ଲୋକେ ପାଟଣା ଶବ ବ୍ୟବଚ୍ଛେଦ ଗୃହ ଉପରେ ନିର୍ଭର କରୁଥିବା ବେଳେ ସେଠାରେ ଥିବା କର୍ମଚାରୀ କିଛି ନ ମାନି ବ୍ୟବଚ୍ଛେଦ ନିମନ୍ତେ ଅଗ୍ରିମ ୧୫୦୦ରୁ ୨୦୦୦ ଟଙ୍କା ଡିମାଣ୍ଡ କରୁଛନ୍ତି। ନଚେତ୍ ମୃତଦେହକୁ ବ୍ୟବଚ୍ଛେଦ ଘରେ ପୂରାଇ ଦେଉ ନ ଥିବା କଥା ଗରିବ ଆଦିବାସୀ ଲୋକେ ଅଭିଯୋଗ କରିଛନ୍ତି। ତେଣୁ ହରିଚନ୍ଦନପୁର ଏବଂ ଘଟଗାଁ ବ୍ଲକ୍ ପାଇଁ ଘଟଗାଁ ଠାରେ ଏକ ଶବ ବ୍ୟବଚ୍ଛେଦ ଗୃହ ନିମନ୍ତେ ବହୁବାର ଗଣମାଧ୍ୟମରେ ପ୍ରକାଶ ପାଇଥିଲେ ମଧ ରାଜ୍ୟ ସରକାର ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ଏଥିପ୍ରତି ସରକାର ଦୃଷ୍ଟି ଦେଇ ତୁରନ୍ତ ଘଟଗାଁ ଠାରେ ଏକ ଶବ ବ୍ୟବଚ୍ଛେଦ ଗୃହ ନିର୍ମାଣ କରିବା ପାଇଁ ଘଟଗାଁ ଆଦିବାସୀ ମଞ୍ଚ ତରଫରୁ ଦାବି ହେଉଛି।

### ଡେଙ୍ଗୁ ସଚେତନତା

ରାଇସୁଆଁ/କେନ୍ଦୁଝର, ୨୧।୯ (ଡି.ଏନ.ଏ./ସ୍ୱ.ପ୍ର.)- କେନ୍ଦୁଝର ଜିଲା ସଦର ବ୍ଲକ ଅନ୍ତର୍ଗତ ପଦ୍ମପୁର ଆଞ୍ଚଳିକ ମହାବିଦ୍ୟାଳୟ ପକ୍ଷରୁ ଶନିବାର ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ପଦ୍ମପୁର ଆଞ୍ଚଳିକ ମହାବିଦ୍ୟାଳୟର ଅଧକ୍ଷା ସନମତୀ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିବାବେଳେ ସମସ୍ତ ଛାତ୍ରୀ ଛାତ୍ର ଏବଂ କର୍ମଚାରୀ ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଛାତ୍ରୀଛାତ୍ର ପ୍ଲାକାର୍ଡ ଧରି ଗ୍ରାମ ପରିକ୍ରମା କରିବା ସହିତ ଡେଙ୍ଗୁ ରୋଗ ସର୍ମ୍ପକରେ ଲୋକଙ୍କୁ ସଚେତନ କରାଇଥିଲେ।

### ବିଦାୟ ନେଲେ ଦେବଶିଳ୍ପୀ

ରାଇସୁଆଁ,୨୧।୯(ଡି.ଏନ.ଏ.)- କେନ୍ଦୁଝର ଜିଲା ସଦର ବ୍ଲକ ଅନ୍ତର୍ଗତ କେନ୍ଦୁପଶି ଗ୍ରାମରେ ଶନିବାର ବିଶ୍ୱକର୍ମାଙ୍କୁ ବିସର୍ଜନ ଦେଇ ଶହ ଶହ ଭକ୍ତଙ୍କ ଗହଣରେ ନାଚଗୀତର ତାଳେ ଗ୍ରାମ ପରିକ୍ରମା କରାଇ ଗ୍ରାମନିକଟ ପୁଷ୍କରିଣୀରେ ବିସର୍ଜନ ଦିଆଯାଇଛି। ପୁଣି ଆସନ୍ତା ବର୍ଷ ବିଶ୍ୱକର୍ମା ପୂଜାକୁ ଧୁମଧାମରେ କରାଯିବା ସହ ଚଳିତ ବର୍ଷ ସୂଚାରୁ ରୂପରେ ପୂଜାବିଧି ଅନୁଷ୍ଠିତ ହୋଇଥିଲା ବୋଲି କମିଟି ସଦସ୍ୟ ଦୁର୍ଯ୍ୟୋଧନ ପାତ୍ର କହିଛନ୍ତି।

# ଅନିୟମିତତା ଅଭିଯୋଗରେ ବିଦ୍ୟାଳୟରେ ତାଲା

ଆନନ୍ଦପୁର, ୨୧।୯(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଘସିପୁରା ବ୍ଲକ ଦେଓଗାଁ ସର୍କଲ କୋଚିଆନେଣ୍ଡି ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଭାବନୀୟ ପରିସ୍ଥିତି ଦେଖିବାକୁ ମିଳିଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍କୁଲର ଅର୍ଥ ହଡପ କରିବା, ମଧ୍ୟାହ୍ନଭୋଜନରେ ଅନିୟମିତତା କରିବା ନେଇ ଶନିବାର ସକାଳ ୮ ଟା ସମୟରେ ଅଭିଭାବକମାନେ ଅଭିଯୋଗ କରି ବିଦ୍ୟାଳୟରେ ତାଲା ପକାଇଦେଇଥିଲେ। ଏହାକୁ ନେଇ ଦୀର୍ଘ ସମୟ ପର୍ଯ୍ୟନ୍ତ ବିଦ୍ୟାଳୟ ପରିସରରେ ଉତ୍ତେଜନା ଲାଗି ରହିଥିଲା। ତେବେ ଉପସ୍ଥିତ ଅଭିଭାବକମାନେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏବଂ ତାଙ୍କୁ ଅନ୍ୟତ୍ର ବଦଳି କରିବା ଦାବି କରି ହୋହଲ୍ଲା କରିଥିଲେ। ଛାତ୍ରୀଛାତ୍ରମାନେ ଶ୍ରେଣୀଗୃହରୁ ବାହାରି ବିଦ୍ୟାଳୟ ପରିସରରେ ଥିବା ଗଛମୂଳେ ବସି ରହିଥିଲେ। ଉତ୍ତେଜିତ ଅଭିଭାବକ ଏବଂ ପରିଚାଳନା କମିଟିର ସଦସ୍ୟମାନେ ସଂପୃକ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିରୋଧରେ ୧୩ ଗୋଟି ଅଭିଯୋଗ ସମ୍ବଳିତ ପତ୍ର ଘସିପୁରା ବ୍ଲକ ଶିକ୍ଷାଧିକାରୀ, ଜିଲା ଶିକ୍ଷାଧିକାରୀଙ୍କୁ ମଧ ଲିଖିତ ଭାବେ ଅବଗତ କରାଇଛନ୍ତି। ଏପରିକି ସୋମବାର ମଧ ବିଦ୍ୟାଳୟରେ ତାଲା ଝୁଲିବ ବୋଲି ଖୋଲାଖୋଲି ଭାବେ ଅଭିଭାବକମାନେ ଚେତାବନୀ ଦେଇଛନ୍ତି। ଏପରିକି ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରଖିବେ ବୋଲି ଚେତାବନୀ ଦିଆଯାଇଛି। ତେବେ ଏ ସର୍ମ୍ପକରେ ପ୍ରଧାନଶିକ୍ଷୟିତ୍ରୀ ପୁଷ୍ପଲତା ପଟ୍ଟନାୟକଙ୍କୁ ପଚାରିବାରୁ ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। ବିଦ୍ୟାଳୟର ଉନ୍ନତି ପାଇଁ ମୁଁ ବହୁତ ଉଦ୍ୟମ କରୁଛି ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

**ଶିକ୍ଷୟିତ୍ରୀଙ୍କ ବିରୋଧରେ ତାତିଲେ**



ଛାତ୍ରୀଛାତ୍ର ବିଦ୍ୟାଳୟ ବାହାରେ ବସିଛନ୍ତି।



ଅଭିଭାବକମାନେ ବିଦ୍ୟାଳୟରେ ତାଲା ପକାଇ ଆନ୍ଦୋଳନ କରୁଛନ୍ତି।

**ଏମାନେ ଯାହା କହନ୍ତି**

- ବିଦ୍ୟାଳୟର ଉନ୍ନୟନମୂଳକ ଅର୍ଥକୁ ହଡ଼ପ କରାଯାଉଛି। କୌଣସି ହିସାବ ନ ଦେଇ ବିଦ୍ୟାଳୟର ଉନ୍ନୟନମୂଳକ କାମ କରୁଥିବା କୁହାଯାଉଛି। ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅନ୍ୟତ୍ର ବଦଳି କରା ନ ଗଲେ ଆମେ ଅନ୍ଦୋଳନକୁ ଓହ୍ଲାଇବୁ।
  *ସସ୍ମିତା ଜେନା, ଚେୟାରମ୍ୟାନ, ବିଦ୍ୟାଳୟ ପରିଚାଳନା କମିଟି*
- ବିଦ୍ୟାଳୟର ଅପରିଷ୍କାର ପରିବେଶ ଯୋଗୁ ସରୀସୃପ ଭୟ ସବୁବେଳ ପାଇଁ ଲାଗିରହିଛି। ପ୍ରଧାନ ଶିକ୍ଷୟିତ୍ରୀ ଏଥିପାଇଁ ଆଦୌ ଧ୍ୟାନ ଦେଉନାହାନ୍ତି।
  *ନିମାଇଁ ଚରଣ ଜେନା, ଅଭିଭାବକ*
- ଅଭିଭାବକ ଓ ପରିଚାଳନା କମିଟିର ଅଭିଯୋଗକୁ ମୁଁ ହୃଦୟଙ୍ଗମ କରିଛି। ଏହାର ଯଥେଷ୍ଟ ସତ୍ୟତା ରହିଛି। ଏ ବାବଦରେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଛି। ବିଭାଗ ପକ୍ଷରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।
  *ଅନାମ ମାଝି, ସିଆରସିସି, ଦେଓଗାଁ ସର୍କଲ*

## ■ ଏଆଇଏସ୍ଏଫ୍ ବଡ଼ବିଲ ଶାଖା ସମ୍ମିଳନୀ
# ସୌରଭ ଜୟସୁଆଲ ସଭାପତି, ରିତୁ ପ୍ରସାଦ ସମ୍ପାଦକ

ବଡବିଲ, ୨୧।୯(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡବିଲସ୍ଥିତ ବିକାଶ ମହଲ ସଭାଗୃହରେ ଶନିବାର ଏଆଇଏସଏଫ୍ (ଅଲ୍ ଇଣ୍ଡିଆ ଷ୍ଟୁଡେଣ୍ଟସ୍ସ ଫେଡେରେଶନ୍) ବଡବିଲ ଶାଖାର ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏହି ସମ୍ମିଳନୀରେ ଶାଖାର ୧୭ ଜଣିଆ କାର୍ଯ୍ୟକାରୀ ସମିତିର ମନୋନୟନ ପ୍ରକ୍ରିୟା ହୋଇଥିବା ଜଣାପଡିଛି। ଏଆଇଏସଏଫ୍ ବଡବିଲ ଶାଖାର ଏହି ସମ୍ମିଳନୀରେ ସଂଘର ପୂର୍ବତନ ରାଜ୍ୟ ଉପସଭାପତି କପିଳ ମହାନ୍ତି ଶ୍ୱେତଲୋହିତ ପତାକା ଉତ୍ତୋଳନ କରିଥିଲାବେଳେ ଏଆଇଏସଏଫ ଯୁବସଂଘ କେନ୍ଦୁଝର ଜିଲା ଉପସଭାପତି ମନୋଜ ପତି ସମ୍ମିଳନୀର ଉଦ୍‌ଘାଟନ କରିଥିଲେ। ଦେଶର ଶିକ୍ଷା ଓ ଶିକ୍ଷାୟନର ଜ୍ୱଳନ୍ତ ସମସ୍ୟା ଗୁଡିକ ଛାତ୍ର ଆନ୍ଦୋଳନ ଦ୍ୱାରା ସମାଧାନ ହୋଇପାରିବ ବୋଲି ମନୋଜ କହିଥିଲେ। ଯୁବ ସଂଘ ନେତା ହୃଦାନନ୍ଦ ପ୍ରଧାନ ଓ କ୍ଷୀରୋଦ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ସମ୍ମିଳନୀ ପରେ ଏଆଇଏସଏଫ୍ ବଡବିଲ ଶାଖାର ୧୭ ଜଣିଆ କାର୍ଯ୍ୟକାରୀ ସଦସ୍ୟଙ୍କୁ ମନୋନୀତ କରାଯାଇଥିଲା। ଏଥିରେ ସଭାପତି ଭାବେ ସୌରଭ ଜୟସୁଆଲ, ସମ୍ପାଦକ ଭାବେ ରିତୁ ପ୍ରସାଦ, ଉପସଭାପତି ଭାବେ ଆରିୟାନ ଜୟସୁଆଲ ଓ କ୍ୟୁମର ଇମ୍ରାନ, ସହ ସମ୍ପାଦକ ଭାବେ କିରଣ ସିଂହ ଏବଂ ତୁଳସୀ ସିଂ, କୋଷାଧ୍ୟକ୍ଷ ଭାବେ ଆକାଶ ରାୟ ପ୍ରମୁଖ ସର୍ବସମ୍ମତିକ୍ରମେ ମନୋନୀତ ହୋଇଛନ୍ତି।

# ଅନ୍ତେବାସୀଙ୍କୁ ଖେଳ ସାମଗ୍ରୀ ବଣ୍ଟନ



ନିର୍ବାହୀ ଅଧିକାରୀଙ୍କ ଦ୍ୱାରା ଖେଳ ଉପକରଣ ବଣ୍ଟନ।

ଚମ୍ପୁଆ, ୨୧।୯(ଡି.ଏନ.ଏ.)

ଚମ୍ପୁଆ ଉପକାରାଗାରର ଅନ୍ତେବାସୀଙ୍କୁ ଶନିବାର ଏନଏସି ପକ୍ଷରୁ ବିଭିନ୍ନ ଖେଳ ଉପକରଣ ପ୍ରଦାନ କରାଯାଇଛି। ଏନଏସି ନିର୍ବାହୀ ଅଧିକାରୀ ସପନ କୁମାର ସାହୁ, ଉପଖଣ୍ଡ ସୂଚନା ଲୋକ ସମ୍ପର୍କ ଅଧିକାରୀ ଜୟନ୍ତ କୁମାର ନାଏକ ଓ ଜେଲର ସମସ୍ତ କର୍ମଚାରୀଙ୍କ ଉପସ୍ଥିତିରେ ଉପକାରାଗାରର ଅଧକ୍ଷ ଜୀବନ ସିଂ ମୁଣ୍ଡାଙ୍କୁ ଏହି ଉପକରଣ ପ୍ରଦାନ କରିଛନ୍ତି। ଅନ୍ତେବାସୀଙ୍କ ମନୋରଞ୍ଜନ ଓ ଶାରୀରିକ ସୁସ୍ଥତା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି ପରିପ୍ରେକ୍ଷୀରେ ଏନଏସି ପକ୍ଷରୁ ଉପକାରାଗାରରେ ରହିଥିବା ପୁରୁଷ ଅନ୍ତେବାସୀଙ୍କ ନିମନ୍ତେ ଭଲିବଲ, କ୍ୟାରମ ଆଦି ବ୍ୟବସ୍ଥା କରାଯାଇଥିବା ବେଳେ ମହିଳା ଅନ୍ତେବାସୀଙ୍କ ନିମିତ୍ତ ଲୁଡୁ ଗୋଟି ଆଦି ପ୍ରଦାନ କରାଯାଇଛି।

# ବୃଦ୍ଧ ଦମ୍ପତିଙ୍କୁ ଥଇଥାନ କଲା ପ୍ରଶାସନ

ଆନନ୍ଦପୁର, ୨୧।୯(ସ୍ୱ.ପ୍ର.)

ଆନନ୍ଦପୁର ଉପଖଣ୍ଡ ପ୍ରଶାସନର ହସ୍ତକ୍ଷେପ ପରେ ବୃଦ୍ଧ ଦମ୍ପତିଙ୍କୁ ନ୍ୟାୟ ମିଳିଛି। ଆନନ୍ଦପୁର ଥାନା ଅଧୀନ ବଞ୍ଚୋ ପଞ୍ଚାୟତ ଶିବନାରାୟଣପୁର ଅଞ୍ଚଳର ଏକ ବୃଦ୍ଧ ଦମ୍ପତିଙ୍କର ତିନି ଝିଅ ଓ ଗୋଟିଏ ପୁଅ। ଝିଅମାନଙ୍କର ବିବାହ ସରିବା ପରେ ପୁଅର ବିବାହ କରାଇଥିଲେ। ପୁଅ ବିବାହ କରିବା ପରେ ସ୍ତ୍ରୀକୁ ଧରି ବାପା ମା'ଙ୍କ ସହିତ ଠିକ୍‌ରେ ଚଳିପାରିନଥିଲା। ଫଳରେ ବୃଦ୍ଧ ମାତା ପିତା ଅସହାୟ ଅବସ୍ଥାରେ ଦିନ କାଟୁଥିଲେ। ଏପରିକି ପୁଅ ଭତ୍ତା କରାଇଦେବା ବାହାନାରେ ମାତାପିତାଙ୍କ ଦସ୍ତଖତ ନେଇ ସେମାନଙ୍କର ଭିଟାମାଟିକୁ ବିକ୍ରି କରିଦେଇଥିଲେ। ଅସହାୟ ମା' ବାପା ବାଧ ହୋଇ ଭିଟାମାଟି ଛାଡି ଏଣେତେଣେ ବୁଲିବା ସହିତ ଭିକ୍ଷାବୃତ୍ତିକୁ ଆପଣେଇ ଥିଲେ। ପରେ ଦୁଇ ବର୍ଷ ହେବ ଅସହାୟ ମା' ବାପା ଫକୀରପୁର ଠାରେ ଥିବା ଏକ ମଠରେ ଜୀବନ ଅତିବାହିତ କରିଆସୁଥିଲେ। ଘଟଣା ଜଣାପଡିବା ପରେ ଉପଖଣ୍ଡ ପ୍ରଶାସନ ହସ୍ତକ୍ଷେପ କରିଥିଲେ। ଉପଜିଲାପାଳ ରବୀନ୍ଦ୍ର କୁମାର ସାହୁ ଓ ସାମାଜିକ ସୁରକ୍ଷା ଅଧିକାରୀ ଡ.ଶମ୍ଭୁନାଥ ରାଉତ ସରକାରୀ ସ୍ତରରେ ବୃଦ୍ଧଦମ୍ପତିଙ୍କ ପାଇଁ ଭତ୍ତାକାର୍ଡ ଏବଂ ରାଶନକାର୍ଡ ମାଧ୍ୟମରେ ଆବଶ୍ୟକ ଚାଉଳ ଯୋଗାଇ ଦେବାକୁ ଉଦ୍ୟମ କରିଥିଲେ। ଏହା ସହିତ ଶୁକ୍ରବାର ଶିବନାରାୟଣପୁର ଗ୍ରାମବାସୀ ଉଭୟ ଅସହାୟ ବୃଦ୍ଧାବୃଦ୍ଧଙ୍କୁ ଧରି ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେମାନଙ୍କର ଝିଅ, ଜ୍ୱାଇଁ, ପୁଅ ମଧ ସେଠାରେ ଉପସ୍ଥିତ ଥିଲେ। ଏକ ବୈଠକରେ ଆଲୋଚନା କରାଯାଇ ପୁଅ ବୃଦ୍ଧ ମା'ବାପାଙ୍କ ଭରଣପୋଷଣ ନିମନ୍ତେ ମାସିକ ୨ହଜାର ଟଙ୍କା ଦେବାକୁ ସହମତି ପ୍ରକାଶ କରିଥିଲେ। ଅବଶିଷ୍ଟ ଜୀବନ ଉଭୟ ଦମ୍ପତି ସାନ ଜ୍ୱାଇଁଙ୍କ ନିକଟରେ ରହିବେ ବୋଲି ନିଷ୍ପତ୍ତି ହୋଇଥିଲା। ଉପଜିଲାପାଳ ସାହୁ ସମସ୍ତଙ୍କୁ ବୁଝାଶୁଝା କରିବା ସହିତ ନିଷ୍ପତ୍ତି ଅନୁଯାୟୀ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ।

## ବିଜେଡିର କର୍ମୀ ସମ୍ମିଳନୀ

ପାଟଣା,୨୧।୯(ସ୍ୱ.ପ୍ର.)

ପାଟଣା ବ୍ଲକ କଣ୍ଟିଆପଡା ପଞ୍ଚାୟତ ଭଗପଶିଠାରେ ବିଜେଡିର ପାଟଣା ନିର୍ବାଚନମଣ୍ଡଳୀରେ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କର୍ମୀ ସମ୍ମିଳନୀ ପାଟଣା ବିଧାୟକ ଜଗନ୍ନାଥ ନାଏକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ଆସନ୍ତା ଅକ୍ଟୋବର ୩୧ ସୁଦ୍ଧା ବିଜେଡିର ନୂତନ ସଭ୍ୟ ସଂଗ୍ରହ କାର୍ଯ୍ୟ ଶେଷ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଧାୟକ ବିଜେଡିର ଲୋକାଭିମୁଖୀ କାର୍ଯ୍ୟକ୍ରମ ପ୍ରତି ଲୋକଙ୍କୁ ଅବଗତ କରାଇ ଦଳ ପ୍ରତି ଆକୃଷ୍ଟ କରିବାକୁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାଟଣା ବ୍ଲକ ବିଜେଡି ଉପସଭାପତି ନବକିଶୋର ପୃଷ୍ଟି , ପାଟଣା ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରା, ବିଜେଡି ମହିଳା ମୋର୍ଚ୍ଚା ସଭାପତି ଭାମାମଣୀ ଦାସ, ବିଜେଡିର ବରିଷ୍ଠ ନେତା ରାହାସ ବିହାରୀ ପୃଷ୍ଟି, ମିତ୍ରଭାନୁ ମହାନ୍ତ, ପ୍ରଶାନ୍ତ କୁମାର ଭଞ୍ଜ, ନିରଞ୍ଜନ ତ୍ରିପାଠୀ, ଭାଗୀରଥି ଦାଶ, ଓ ବହୁ ସକ୍ରିୟ କର୍ମୀ ଯୋଗ ଦେଇଥିଲେ ।

# ଝାଡ଼ଖଣ୍ଡରୁ ଟ୍ରକ୍ ଜବତ

**ହାଇୱା ଚୋରି ଘଟଣା**

ବଡବିଲ, ୨୧।୯(ସ୍ୱ.ପ୍ର.)

ବଡବିଲ ଥାନା ଅନ୍ତର୍ଗତ ୧୦ ନମ୍ବର ରାଜ୍ୟ ରାଜପଥ କଡରୁ ଗୁରୁବାର ହାଇୱା ଟ୍ରକ ଚୋରି ଘଟଣାରେ ପୋଲିସ ଶୁକ୍ରବାର ସଂପୃକ୍ତ ଅଭିଯୁକ୍ତ ଗୁରୁଦେବ ଗୁପ୍ତାଙ୍କୁ ଗିରଫ କରିଛି। ତାଙ୍କ ଘର ସୁନ୍ଦରଗଡ ଜିଲା କୋଇଡା ଥାନା ଅଞ୍ଚଳରେ। ତେବେ ଶନିବାର ଚୋରି ହୋଇଥିବା ଟ୍ରକଟିକୁ ଝାଡଖଣ୍ଡ ରାଜ୍ୟରୁ ଜବତ କରି ବଡବିଲ ଥାନା ପରିସରକୁ ଅଣାଯାଇଛି। ସୂଚନା ଅନୁଯାୟୀ, ବଡବିଲ ଅଞ୍ଚଳର ବିନିତ ବଂଶାଲ ନାମକ ବ୍ୟକ୍ତିଙ୍କର ହାଇୱା ରାଜ୍ୟ ରାଜପଥ ସେରେଣ୍ଡା ସ୍ଥିତ ରାସ୍ତା କଡରୁ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ତଦନ୍ତ କରି ସଂପୃକ୍ତ ଅଭିଯୁକ୍ତଙ୍କୁ ଶୁକ୍ରବାର ଗିରଫ କରି ଟ୍ରକର ସନ୍ଧାନ ପାଇ ଝାଡଖଣ୍ଡ ରାଜ୍ୟକୁ ଗସ୍ତ କରିଥିଲା।

# ବିଶ୍ୱ ଶାନ୍ତି ଦିବସ ପାଳିତ



ସ୍କାଉଟ ଗାଇଡ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ।

ଚମ୍ପୁଆ, ୨୧।୯(ଡି.ଏନ.ଏ.)

ଚମ୍ପୁଆ ମହତାବ ଉଚ୍ଚ ବିଦ୍ୟାଳୟର ସ୍କାଉଟ ଗାଇଡ ଛାତ୍ରମାନଙ୍କ ଦ୍ୱାରା ବିଶ୍ୱ ଶାନ୍ତି ଦିବସ ପାଳିତ ହୋଇଯାଇଛି। ସ୍କାଉଟ ଗାଇଡ ଅଫିସର ଲୋକନାଥ ଗୁଇଁ ଓ ଶିକ୍ଷକ ନୀଳାମ୍ବର ମହାନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ବିଶ୍ୱ ସମୁଦାୟକୁ ଶାନ୍ତି ଓ ମୈତ୍ରୀର ଭାବନାରେ ବାନ୍ଧି ହେବାକୁ ଛାତ୍ରମାନେ ଆହ୍ୱାନ ଦେବା ସହିତ ମହତାବ ଉଚ୍ଚ ବିଦ୍ୟାଳୟରୁ ବାହାରି ଚମ୍ପୁଆ ସହର ପରିକ୍ରମା କରି ଶାନ୍ତି ଉଦ୍ଦେଶ୍ୟରେ ସ୍ଲୋଗାନ ଦେଇଥିଲେ।

## ପୋଷାକ ବଣ୍ଟନ

ପାଟଣା,୨୧।୯(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ ସ୍ୱାମ ୟୁଜିୟୁପି ସ୍କୁଲ ଓ ସାଧୁପଡା ପ୍ରାଥମିକ ବିଦ୍ୟାଳୟରେ ପୋଷାକ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ପାଟଣା ବିଧାୟକ ଜଗନ୍ନାଥ ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପୋଷାକ ଓ ଜୋତା ବିତରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାତ, ପାଟଣା ସିଆରସି ପ୍ରମୋଦ କୁମାର ମହାନ୍ତ, ଡୁମୁରିଆ ସିଆରସି ଅକ୍ଷୟ କୁମାର ପଲେଇ, ଶିକ୍ଷକ ପାର୍ଥସାରଥି ବେଜ, ବିଦ୍ୟାଳୟ ପରିଚାଳନା ପରିଷଦ ସଭାପତି ଫକୀର ଚରଣ ନାଏକ, ଜୟନ୍ତୀ ନାଏକଙ୍କ ସହ ସ୍ଥାନୀୟ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନେ ଯୋଗ ଦେଇଥିଲେ।

# ଉଠାଦୋକାନୀଙ୍କ ପାଇଁ ଜରୁରିକାଳୀନ ସେବା ବ୍ୟାହତ

ଆନନ୍ଦପୁର,୨୧।୯(ସ୍ୱ.ପ୍ର.)

ଘସିପୁରା ବ୍ଲକ ବାଳିପାଳ ବଜାରରେ ବିଭିନ୍ନ ସମୟରେ ଟ୍ରାଫିକ୍ ସମସ୍ୟା ଗୁରୁତର ହେବାରେ ଲାଗିଛି। ଆନନ୍ଦପୁର ଆରଏମସି ଦ୍ୱାରା କରାଯାଇଥିବା ମାର୍କେଟ କମ୍ପ୍ଲେକ୍ସ ସମ୍ମୁଖରେ ବହୁ ସଂଖ୍ୟାରେ ଉଠା ଦୋକାନୀ ବ୍ୟବସାୟୀ କାରବାର କରୁଥିବାରୁ ସର୍ବସାଧାରଣ ଯାତାୟତ ରାସ୍ତା କ୍ରମଶଃ ସଙ୍କୁଚିତ ହେବାରେ ଲାଗିଛି। ଫଳରେ ବିଭିନ୍ନ ସମୟରେ ଜରୁରୀ କାଳୀନ ସେବା ବ୍ୟାହତ ହେବାରେ ଲାଗିଛି। ଆମ୍ବୁଲାନ୍ସ, ଅଗ୍ନିଶମ ବିଭାଗ ଯାନବାହନ ବଜାର ଦେଇ ଯାତାୟାତରେ ବାଧା ସୃଷ୍ଟି ହେଉଛି। ରାସ୍ତା ଉପରେ ପରିବା ଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାରର ବ୍ୟବସାୟ ହେଉଥିବାରୁ ଯାନାବାହନ ଚଳାଚଳ ବାଧା ହେଉଛି। ଏପରିକି ଆକସ୍ମିକ ଦୁର୍ଘଟଣା ଘଟିବାର ସମ୍ଭାବନାକୁ ମଧ ଏଡ଼ାଇ ଦିଆଯାଇ ନ ପାରେ। ଘଟଣା ଦିଗରେ ଆନନ୍ଦପୁର ପ୍ରଶାସନିକ ଅଧିକାରୀ ଦୃଷ୍ଟି ଏହାର ସ୍ଥାୟୀ ସମାଧାନ କରିବା ପାଇଁ ସାଧାରଣରେ ଦାବି ହୋଇଛି।

# ବିଦ୍ୟାଳୟରେ ଅନ୍ତର୍ଜାତୀୟ ଶାନ୍ତି ଦିବସ

କେନ୍ଦୁଝର, ୨୧।୯(ଡି.ଏନ୍.ଏ.)

କେନ୍ଦୁଝରଗଡ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଅନ୍ତର୍ଜାତୀୟ ଶାନ୍ତି ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ପରିଚାଳନା ସମିତିର ସମ୍ପାଦକ ରବୀନ୍ଦ୍ର କୁମାର ପଣ୍ଡା ଶାନ୍ତି ଦିବସର ଆଭିମୁଖ୍ୟ ସମ୍ବନ୍ଧରେ ଅବଗତ କରାଇଥିଲେ। ଏ ବର୍ଷର ବିଷୟ ଶାନ୍ତି ପାଇଁ ଜଳବାୟୁ କାର୍ଯ୍ୟାନୁଷ୍ଠାନ ସମ୍ବନ୍ଧରେ ସମ୍ୟକ ସୂଚନା ପ୍ରଦାନ କରିବା ସହ ସମାଜରୁ ସମସ୍ତ ପ୍ରକାର ଦାରିଦ୍ର୍ୟ, କ୍ଷୁଧା, ଶିକ୍ଷା, ଜଳବାୟୁ ପରିବର୍ତ୍ତନ ଓ ପରିବେଶ ଉପରେ ପ୍ରାଧାନ୍ୟ ଦେଇଥିଲେ। ପ୍ରତ୍ୟେକ ଦେଶ ଓ ଲୋକଙ୍କ ମଧ୍ୟରେ ଶାନ୍ତିର ବାର୍ତ୍ତା 'ସର୍ବେଭବନ୍ତୁ ଶୁଖିନଃ' ତଥା 'ବସୁଧୈବ କୁଟୁମ୍ବକମ୍'କୁ ଆଧାର କରି ଆଗକୁ ବଢିବା ପାଇଁ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ସ୍କାଉଟ ଶିକ୍ଷକ ଆନନ୍ଦ ଚନ୍ଦ୍ର ଘଡେଇ ଓ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଭାଜପାର ସେବା କାର୍ଯ୍ୟ

ଆନନ୍ଦପୁର, ୨୧।୯(ସ୍ୱ.ପ୍ର.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମ ଦିବସ ଅବସରରେ ଭାଜପା ପକ୍ଷରୁ ପାଳିତ ହେଉଥିବା ସେବା ସପ୍ତାହ ଉପଲକ୍ଷେ ଜିଲା ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ହେମନ୍ତ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଚାଇଲ୍ଡ ସ୍ମାଇଲ୍ ସ୍କୁଲର କୁନି କୁନି ପିଲାଙ୍କୁ ପାଠ୍ୟ ଉପକରଣ ପ୍ରଦାନ କରିବା ସହିତ, ବିଦ୍ୟାଳୟରେ ଉପସ୍ଥିତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପ୍ରଧାନମନ୍ତ୍ରୀଙ୍କ ଜନହିତକର କାର୍ଯ୍ୟ ସର୍ମ୍ପକରେ ଅବଗତ କରିଥିଲେ। କାର୍ଯ୍ୟକ୍ରମରେ କିଶାନମୋର୍ଚ୍ଚା ଜିଲା ସଭାପତି ଶ୍ରୀଧର ସାହୁ, ଆନନ୍ଦପୁର ନଗରମଣ୍ଡଳ କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ ରାହାସ ବିହାରୀ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ ସେବା କାର୍ଯ୍ୟରେ ନିୟୋଜିତ ଥିଲେ।

# ଥାନାର ଦ୍ୱାରସ୍ଥ ହୋଇ ନ ଥିବା ଗାଁ ତେଲିଅର୍ଣ୍ଣଳା

ନରେଶ ଚନ୍ଦ୍ର ପଟ୍ଟନାୟକ
କେନ୍ଦୁଝର, ୨୧।୯

ବର୍ତ୍ତମାନ ସମୟରେ ବୃଦ୍ଧି ପାଉଥିବା ଆଇନ ଶୃଙ୍ଖଳା ପରିସ୍ଥିତି ପାଇଁ ପୋଲିସର ସହାୟତା ସମସ୍ତେ ନେଇଥାନ୍ତି। କିନ୍ତୁ କେନ୍ଦୁଝର ଜିଲାରେ ଏଭଳି ଏକ ଗ୍ରାମ ରହିଛି ଯେଉଁଠି ଏବେ ସୁଦ୍ଧା ପୋଲିସର ସହାୟତା ନେଇନାହାନ୍ତି। କଥାଟା ଏକଦମ୍ ସତ। ଏଭଳି ଏକ ଗ୍ରାମ ହେଉଛି ଝୁମ୍ପୁରା ବ୍ଲକର ତେଲିଅର୍ଣ୍ଣଳା ଗ୍ରାମ। ଜିଲା ମୁଖ୍ୟାଳୟଠାରୁ ପ୍ରାୟ ୨୫ କି.ମି. ଦୂରରେ ଏହି ଗ୍ରାମ ଅବସ୍ଥିତ। ଏହି ଗ୍ରାମରେ ପାଖାପାଖି ୭୦୦ ମାଝି ସଂପ୍ରଦାୟର ଲୋକ ବସବାସ କରନ୍ତି।

ଗ୍ରାମକୁ ପୋଲିସ ଆସିବା ମନା। କୌଣସି ମାମଲାରେ ଯଦି ପୋଲିସ ଆସେ ତେବେ ସେମାନଙ୍କୁ ଗ୍ରାମ ଭିତରକୁ ପ୍ରବେଶ କରାଇଦିଅନ୍ତି ନାହିଁ। ବିଭିନ୍ନ ମାମଲାର ଫଇସଲା ଗ୍ରାମରେ ହୋଇଥାଏ। ସମସ୍ତ ସୁବିଧା ଅସୁବିଧାର ସମାଧାନ ଗ୍ରାମରେ କରାଯାଏ। ଗ୍ରାମର ମୁଖିଆ ହେଉଛନ୍ତି ଧନେଶ୍ୱର ମାଝି। ତାଙ୍କ ନେତୃତ୍ୱରେ ପଞ୍ଚାୟତ ବସି ସମସ୍ତ ପ୍ରକାରର ବିବାଦ, ଗଣ୍ଡଗୋଳର ସମାଧାନ ହୋଇଥାଏ। ଗ୍ରାମର ଡାକୁଆ ଜରିଆରେ ମୁରବିମାନଙ୍କୁ ଡକାଯାଏ। ଅଭିଯୋଗକାରୀ ତଥା ଅଭିଯୁକ୍ତଙ୍କୁ ମଧ ଡକାଯାଏ। ଯାହା ନିଷ୍ପତ୍ତି ହୋଇଥାଏ ତାହା ସମସ୍ତ ମାନିଥାନ୍ତି।



ତେଲିଅର୍ଣ୍ଣଳା ଗ୍ରାମବାସୀ।

ଏହି ଗ୍ରାମରେ ରହିଛି ଏକ ଆଶ୍ରମ ସ୍କୁଲ । ଥରେ ଏହି ସ୍କୁଲର ଜଣେ ପିଲା କେଉଁ ଆଡେ ଚାଲିଯିବାରୁ ତାଙ୍କ ବାପା ପୋଲିସରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗ ପାଇ ଗ୍ରାମକୁ ଆସିଥିଲା। କିନ୍ତୁ ଗ୍ରାମବାସୀ ପୋଲିସକୁ ଅଟକାଇ ଫେରାଇ ଦେଇଥିଲେ। ନିଜେ ଗ୍ରାମବାସୀ ଉକ୍ତ ଛାତ୍ରକୁ ଖୋଜିବା ପାଇଁ ସ୍କୁଲ କର୍ତ୍ତୃପକ୍ଷଙ୍କୁ ସହାୟତା କରି ଫେରିପାଇଥିଲେ। ଯେଉଁ ସବୁ କେସ ଅନ୍ୟ ଗ୍ରାମରେ ପୋଲିସ ଥାନା ବା କୋର୍ଟ କଚେରିରେ ହୋଇଥାଏ ସେଭଳି କେସଗୁଡ଼ିକ ଏହି ଗ୍ରାମରେ ହୋଇଥାଏ ବୋଲି ଗ୍ରାମର ଦିନେଶ କୁମାର ଟୁଡୁ କହିଛନ୍ତି। ଏହି ପରମ୍ପରା ଏବେକାର ନୁହେଁ। ବହୁ ଆଗରୁ ଚାଲି ଆସୁଛି । ଏପରିକି ବିବାହ ବିଚ୍ଛେଦ ମାମଲାଗୁଡିକ ମଧ ଫଇସଲା କରାଯାଇଥାଏ। ସମସ୍ତେ ଭାଇଚାରା ମନୋଭାବ ନେଇ ଖୁସିରେ ରହିଆସୁଛନ୍ତି ବୋଲି ବରିଷ୍ଠ ଗ୍ରାମବାସୀ ସୁରେନ୍ଦ୍ର ମାଝି କହିଛନ୍ତି।

ଏହି ଗ୍ରାମବାସୀ ଗୁଣିଗାରେଡି ଉପରେ ବିଶ୍ୱାସ କରନ୍ତି ନାହିଁ । ଗ୍ରାମରେ ରହିଛି ଠାକୁରାଣୀ ଶାଳ ସେଠାରେ ପୂଜାପାଠ ସମସ୍ତେ ମିଳିମିଶି କରନ୍ତି। ଗ୍ରାମରେ ଓଷା ବା ଅନ୍ୟାନ୍ୟ ଗଣେଶ, ବିଶ୍ୱକର୍ମା ଆଦି ପୂଜା କରାଯାଏ ନାହିଁ। ବର୍ଷରେ କାଳୀପୂଜା ଓ ହୋଲିକୁ ଧୁମଧାମରେ ପାଳନ କରିଥାନ୍ତି। ଏହି ପର୍ବ ଗ୍ରାମର ସମସ୍ତେ ମିଶି ପାଳନ କରିଥିବାବେଳେ ମିଳିମିଶି ଖର୍ଚ୍ଚ ଉଠାଇଥାନ୍ତି। ମାଦଳ ଓ ନାଗରା ବଜାଇ ପାରମ୍ପରିକ ବେଶଭୂଷାରେ ସଜ୍ଜିତ ହୋଇ ନାଚଗୀତ କରି କଟାନ୍ତି। ଏହି ଗ୍ରାମର ଲୋକମାନେ ଧାନ, ଡାଲିଜାତୀୟ ଫସଲ, ପନିପରିବା ଚାଷବାସ ସହିତ ଗୋପାଳନ କରି ଚଳିଥାନ୍ତି।

## ସଂକ୍ଷେପରେ

### ନିଲମ୍ବିତ ସହକାରୀ ଶିକ୍ଷକ ଗିରଫ

**ଖୁଣ୍ଟା, ୨୧।୯(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ଭଣ୍ଡଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କୁ ଗାଳିଗୁଲଜ କରିବା ସହିତ ହତ୍ୟା ଧମକ ଦେଇଥିବା ଅଭିଯୋଗ କ୍ରମେ ଖୁଣ୍ଟା ଥାନା ପୋଲିସ ଏକ ମାମଲା (ନଂ. ୯୨/୧୯ ) ରୁଜୁ କରି ସହକାରୀ ଶିକ୍ଷକ ପରେଶ ପାତ୍ରଙ୍କୁ ଶନିବାର ଗିରଫ କରିଛି। ଶିକ୍ଷା ବିଭାଗ ପକ୍ଷରୁ ତାଙ୍କୁ ଗତ ୧୬ ତାରିଖରେ ଚାକିରିରୁ ନିଲମ୍ବନ କରାଯାଇଥିଲା। ପୋଲିସ ସୂଚନା ଅନୁଯାୟୀ ଭଣ୍ଡଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଜୟ କୁମାର ସେଠୀ ୨ ବର୍ଷ ହେବ କାର୍ଯ୍ୟ କରି ଆସୁଛନ୍ତି। ଅନ୍ୟ କେତେକ ଶିକ୍ଷକ ତାଙ୍କ କାର୍ଯ୍ୟଧାରାକୁ ବିରୋଧ କରୁଥିବାରୁ ସେଠାରେ ବିବାଦୀୟ ଅବସ୍ଥା ଲାଗି ରହିଥିଲା। ଘଟଣାଦିନ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷକଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇ ଗଣ୍ଡଗୋଳ ଘଟିଥିଲା। ଏ ନେଇ ଗତ ମାସ ୨୨ ତାରିଖରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଖୁଣ୍ଟାଥାନାରେ ଅଭିଯୋଗ କରି ତାଙ୍କୁ ଜାତିଆଣା ଅକ୍ଷେପ କରି ଗାଳିଗୁଲଜ କରାଯାଇଥିବା ଦର୍ଶାଇଥିଲେ। ଅଭିଯୋଗ କ୍ରମେ ପୋଲିସ ମାମଲା ରୁଜୁ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

### ବୈଶିଙ୍ଗାରେ ସଡ଼କ ସୁରକ୍ଷା ସଚେତନତା

**ବୈଶିଙ୍ଗା, ୨୧।୯(ସ୍ୱ.ପ୍ର.):** ବୈଶିଙ୍ଗା ଫ୍ଲାଇ ଓଭରବ୍ରିଜ ନିକଟରେ ପୋଲିସ ଓ ଖବରଦାତାଙ୍କ ମିଳିତ ସହଯୋଗରେ ସଡ଼କ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୈଶିଙ୍ଗାଠାରୁ ରୂପ୍‌ସା ପର୍ଯ୍ୟନ୍ତ ଯାଇଥିବା ଜନଗହଳି ରାସ୍ତାରେ ବିନା ହେଲମେଟ ଓ ବିନା ସିଟ୍‌ବେଲ୍‌ଟରେ ଯାତ୍ରା କରୁଥିବା ଦୁଇଚକିଆ ଓ ଚାରିଚକିଆ ଯାନଗୁଡ଼ିକୁ ଯାତ୍ରାକାଳୀନ ନିରାପତ୍ତା ସଂକ୍ରାନ୍ତରେ ସଚେତନ କରାଯାଇଥିଲା। ସେହିଭଳି ସିଟବେଲଟ୍ ଓ ହେଲମେଟ୍ ଲଗାଇଥିବା ଗାଡ଼ିଗୁଡ଼ିକୁ ଅଭିନନ୍ଦନ ଜଣାଇ ଗୋଲାପ ଫୁଲ ଓ ଚକ୍‌ଲେଟ୍ ବଣ୍ଟନ କରଯାଇଥିଲା। କାର୍ଯ୍ୟକ୍ରମରେ ପୋଲିସ ଏସ୍‌ଡିପିଓ ଲଳିତ ମୋହନ ପଟ୍ଟନାୟକ, ବେତନଟୀ ଆଇଆଇସି ପର୍ଶୁରାମ ସାହୁ, ବୈଶିଙ୍ଗା ଆଇଆଇସି କୃଷ୍ଣଚନ୍ଦ୍ର ପଲେଇ, ଏଏସ୍‌ଆଇ ଗିରୀଶ ଚନ୍ଦ୍ର ନାଏକ, ଏସ୍‌ଆଇ ଅନନ୍ତ କୁମାର ନାଏକ ଉପସ୍ଥିତ ଥିଲେ। ଖବରଦାତାମାନଙ୍କ ମଧ୍ୟରେ ଅରୁଣ କୁମାର ଓତା, ସଞ୍ଜୟ କୁମାର ମିଶ୍ର, ସୀତାନାଥ ବେହେରା, ବିମଳେନ୍ଦୁ ମହାପାତ୍ର, ରତନ ଦାଶ, ହରୀଶ ଚନ୍ଦ୍ର ନନ୍ଦ ଗୋସ୍ୱାମୀ, ନିଳାଦ୍ରୀ ବିହାରୀ ଦଣ୍ଡପାଟ ପ୍ରମୁଖ ଉପସ୍ଥିତ ଥିଲେ।

### ୮୦ ଶିକ୍ଷୟିତ୍ରୀ ଶିକ୍ଷକ ପ୍ରଶିକ୍ଷଣ ନେଲେ

**ବଡ଼ସାହି, ୨୧।୯(ସ୍ୱ.ପ୍ର.):** ଓଡ଼ିଶା ଉତ୍କଳ ଶିକ୍ଷା ପରିଷଦର ଶିକ୍ଷା ଓ ପ୍ରଶିକ୍ଷଣ ବିଭାଗ ଆନୁକୂଲ୍ୟରେ ବଡ଼ସାହି ସଙ୍କୁଳ ସ୍ତରୀୟ ଇଂଲିଶ ଭାଷା ପ୍ରଶିକ୍ଷଣ ଶିବିର ବଡ଼ସାହି ବିବେକାନନ୍ଦ ଆବାସିକ ଶିକ୍ଷାକେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟା ସୂର୍ଯ୍ୟକାନ୍ତି ପୁହାଣ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। କେନ୍ଦ୍ର ସରକାରଙ୍କ ନୂତନ ଦକ୍ଷତା ଭିତିକ ଶିକ୍ଷା କାର୍ଯ୍ୟକ୍ରମ 'ନିଷ୍ଠା'କୁ ସଫଳ କରିବା ଏହି ପ୍ରଶିକ୍ଷଣର ଉଦ୍ଦେଶ୍ୟ ବୋଲି ସୂଚନା ଦିଆଯାଇଥିଲା। ବଡ଼ସାହି ଏବିଇଓ ପଦ୍ମଲୋଚନ ଦାସ ଓ ଏବିଇଓ ବାବାଜୀ ଚରଣ ବେହେରା ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସଙ୍କୁଳ ସ୍ତରରେ ଥିବା ୧୫ ଶିକ୍ଷାକେନ୍ଦ୍ରର ୮୦ ଶିକ୍ଷୟିତ୍ରୀ ଶିକ୍ଷକ ପ୍ରଶିକ୍ଷଣ ନେଇଥିଲେ। ଏସ୍‌ସିଇଆରଟି ଓ ବିଏସ୍‌ସର ସିନିଅର ଆରପି ବିଦ୍ୟାଧର କମିଳା ପ୍ରଶିକ୍ଷକ ଭାବେ ଯୋଗଦେଇ ଥିଲେ। ଉତ୍କଳ ଶିକ୍ଷା ପରିଷଦର ସମ୍ପାଦକ ଯୋଗେନ୍ଦ୍ର ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷା ପ୍ରଣାଳୀ ପରିବର୍ତ୍ତନ ହେଉଥିବାରୁ ଏଭଳି ପ୍ରଶିକ୍ଷଣ ଅପରିହାର୍ଯ୍ୟ ବୋଲି କହିଥିଲେ। ପ୍ରଶିକ୍ଷଣ ପରେ ଦକ୍ଷତା ଭିତିକ ପରୀକ୍ଷା ଅନୁଷ୍ଠିତ ହୋଇ ସମସ୍ତଙ୍କୁ ଦକ୍ଷତା ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ବଡସାହି ସଙ୍କୁଳ ପ୍ରମୁଖ ଡା.କୁମାର ବାବୁଲି ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।






ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ହସ୍ପିଟାଲରେ ଶନିବାର ରେଜିଷ୍ଟ୍ରେଶନ କରିବା ପାଇଁ ରୋଗୀ ଓ ଆତ୍ମୀୟ ସ୍ୱଜନଙ୍କ ଲମ୍ବା ଧାଡ଼ି ଲାଗିଛି।

# ଚିକିତ୍ସା ଲାଗି ଆସି ରୋଗୀ ହଇରାଣ

**ବାରିପଦା ମେଡିକାଲ କଲେଜ**

- ୨ ରେଜିଷ୍ଟ୍ରେଶନ କାଉଣ୍ଟରରୁ ଗୋଟିଏ ବନ୍ଦ
- ଲମ୍ବାଧାଡ଼ିରେ ଠିଆ ହୋଇ ନିରାଶ ହେଲେ ରୋଗୀ
- ମେଡିକାଲ ପରିସରରେ ଚାପା ଉତ୍ତେଜନା

**ବାରିପଦା ଅଫିସ, ୨୧।୯**

ମୟୂରଭଞ୍ଜ ଜିଲାବାସୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଲକ୍ଷ୍ୟରେ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ପ୍ରତିଷ୍ଠା କରାଯାଇଛି। ବିଭିନ୍ନ ସମୟରେ ରୋଗୀଙ୍କ ଭିଡ ଜମୁଥିବାରୁ ନାନା ସମସ୍ୟା ସୃଷ୍ଟି ହେଉଛି। ଶନିବାର ରୋଗୀଙ୍କ ରେଜିଷ୍ଟ୍ରେଶନ ପାଇଁ ଉଦ୍ଦିଷ୍ଟ ଦୁଇଟି କାଉଣ୍ଟର ମଧ୍ୟରୁ ଗୋଟିଏ କାମ ନ କରିବାରୁ ରୋଗୀମାନେ ହଇରାଣ ହୋଇଥିଲେ। ଏ ନେଇ ମେଡିକାଲ ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା।

ମେଡିକାଲ କଲେଜ ପ୍ରତିଷ୍ଠା ପରଠାରୁ କେବଳ ମୟୂରଭଞ୍ଜ ନୁହେଁ ଅନ୍ୟ ପଡୋଶୀ ଜିଲା ସମେତ ପଶ୍ଚିମବଙ୍ଗ ଓ ଝାଡଖଣ୍ଡ ରାଜ୍ୟ ଉପାନ୍ତ ଅଞ୍ଚଳର ରୋଗୀମାନେ ଏଠାକୁ ଚିକିତ୍ସା ଲାଗି ଆସୁଛନ୍ତି। ଏଣୁ ଦିନକୁ ଦିନ ଏଠାରେ ରୋଗୀ ସଂଖ୍ୟା ବୃଦ୍ଧି ପାଉଛି। ବହିର୍ବିଭାଗ ରୋଗୀଙ୍କ ସୁବିଧା ଲାଗି ପ୍ରଶାସନ ପକ୍ଷରୁ ମହିଳା ଓ ପୁରୁଷଙ୍କ ସକାଶେ ଦୁଇଟି ନୂଆ ରେଜିଷ୍ଟ୍ରେଶନ କାଉଣ୍ଟର ଖୋଲାଯାଇଛି। ଏହା ସତ୍ତ୍ୱେ ସବୁବେଳେ ଏହି ଦୁଇ କାଉଣ୍ଟରରେ ଲମ୍ବା ଧାଡି ଲାଗି ରହୁଛି। ଦୀର୍ଘସମୟ ଧାଡିରେ ଅପେକ୍ଷା କରି ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ହଇରାଣ ହେଉଛନ୍ତି। ଦୁଇଟି କାଉଣ୍ଟର ମଧ୍ୟରୁ ମହିଳାଙ୍କ ଲାଗି ଉଦ୍ଦିଷ୍ଟ କାଉଣ୍ଟର ଶନିବାର ସକାଳୁ ବନ୍ଦ ରହିବାରୁ ସବୁ ରୋଗୀ ଗୋଟିଏ କାଉଣ୍ଟରରେ ଭିଡ ଜମାଇଥିଲେ। ଅନେକ ଲୋକେ ରେଜିଷ୍ଟ୍ରେଶନ କରିବା ସତ୍ତ୍ୱେ ସମୟ ଅଭାବରୁ ଡାକ୍ତରଙ୍କୁ ଦେଖାଇ ନ ପାରି ନିରାଶ ହୋଇ ଫେରିଥିଲେ। ଏ ନେଇ ମେଡିକାଲ ପରିସରରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଅନେକ ଲୋକ ଡାକ୍ତରଖାନା ସମସ୍ୟା ନେଇ ବିରକ୍ତି ପ୍ରକାଶ କରିଥିଲେ। ଏ ସମ୍ପର୍କରେ ହସ୍ପିଟାଲ ମ୍ୟାନେଜର ଡା.ସମୀର ମହାପାତ୍ରଙ୍କୁ ପଚାରିବାରୁ କହିଛନ୍ତି, ଗୋଟିଏ କାଉଣ୍ଟରର କମ୍ପ୍ୟୁଟର ଖରାପ ହୋଇପଡିବାରୁ ରୋଗୀଙ୍କ ରେଜିଷ୍ଟ୍ରେଶନ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଏହାକୁ ପରିଚାଳନା କରୁଥିବା ସଂସ୍ଥାକୁ ତୁରନ୍ତ ମରାମତି କରି ଲୋକଙ୍କୁ ସେବା ଦେବାକୁ କୁହାଯାଇଛି ବୋଲି ସେ କହିଥିଲେ।

# ଯନ୍ତ୍ରଣାରେ ଶିଶୁକନ୍ୟା, ଚିନ୍ତାରେ ମା' ବାପା

**ବୈଶିଙ୍ଗା, ୨୧।୯(ଡି.ଏନ୍.ଏ.)**



ରୋଗାକ୍ରାନ୍ତ ଶିଶୁ କନ୍ୟା।

**ସରକାରୀ ଚିକିତ୍ସା ସହାୟତାକୁ ଅପେକ୍ଷା**

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ କେନ୍ଦୁଆ ପଞ୍ଚାୟତ ଚୁଆପଦା ଗ୍ରାମର ବର୍ଷକର ଶିଶୁକନ୍ୟା ଦୁର୍ଗା। ମୁଣ୍ଡର ଆକାର ଅସ୍ୱାଭାବିକ ଭାବେ ବୃଦ୍ଧି ପାଉଛି। ମେରୁଦଣ୍ଡ ଓ ମୁଣ୍ଡରେ ବଥ ବାହାରି କ୍ରମେ ବଢି ଚାଲିଛି। ଏଥିଲାଗି ଅସହ୍ୟ ଯନ୍ତ୍ରଣା ଭୋଗ କରୁଛି ଦୁର୍ଗା। ବିଭିନ୍ନ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇ କୌଣସି ସୁଫଳ ନ ପାଇବାରୁ ଗରିବ ମା' ବାପା ରଶ୍ମିରେଖା ଦାସ ଓ ହେମନ୍ତ କୁମାର ଦାସ ଏବେ ଅସହାୟ ହୋଇପଡିଛନ୍ତି। ଡାକ୍ତରମାନେ ରୋଗ ଚିହ୍ନଟ କରିପାରୁ ନ ଥିବା ସେମାନେ କହିଛନ୍ତି। ଝିଅର ଜୀବନ ରକ୍ଷା ଲାଗି ସେମାନେ ସ୍ୱାସ୍ଥ୍ୟ ପ୍ରଶାସନକୁ ନିବେଦନ କରି ସହାୟତା ପାଇବା ଲାଗି ଅପେକ୍ଷା କରି ବସିଛନ୍ତି।

ରଶ୍ମିରେଖା ଓ ହେମନ୍ତ କହିଛନ୍ତି, ଗତବର୍ଷ ସେପ୍ଟେମ୍ବର ମାସ ପାର୍ବଣ ଋତୁରେ ଏହି ଶିଶୁକନ୍ୟା ଜନ୍ମ ନେଇଥିବାରୁ ସେମାନେ ଖୁସିରେ ତା'ର ନାଁ ଦେଇଥିଲେ ଦୁର୍ଗା। ଅଳ୍ପ କିଛି ଦିନ ମଧ୍ୟରେ ସେ ଅଦ୍ଭୁତ ରୋଗରେ ପୀଡ଼ିତ ହୋଇ ଏପର୍ଯ୍ୟନ୍ତ ବିଛଣାରେ ପଡ଼ି ରହି ଯନ୍ତ୍ରଣାରେ ଛଟପଟ ହେଉଛି। ସେମାନେ ପ୍ରଥମେ ଝିଅକୁ ନେଇ ବାରିପଦାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟଠାରେ ଥିବା ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅଧୀନ ଶିଶୁ ଚିକିତ୍ସା ବିଭାଗରେ ଭର୍ତ୍ତି କରିଥିଲେ। ପରେ ସେଠାକାର ଡାକ୍ତର ଶିଶୁକୁ କଟକ ଶିଶୁ ଭବନକୁ ନେଇଯାଅ କହି ଡିସ୍‌ଚାର୍ଜ କରି ଦେଇଥିଲେ। ସେମାନେ ୧୦୮ ଆମ୍ବୁଲାନ୍ସ ଯୋଗେ ଦୁର୍ଗାକୁ କଟକସ୍ଥିତ ଶିଶୁଭବନକୁ ନେଇଥିଲେ। ସେଠାରେ ଡାକ୍ତର ନିରାଶାବାଣୀ ଶୁଣାଇବାରୁ ଏହି ଗରିବ ମା'ବାପା ଆମ୍ବୁଲାନ୍ସକୁ ଟଙ୍କା ଦେଇ ଦୁର୍ଗାଙ୍କୁ ଘରକୁ ନେଇ ଆସିଥିଲେ। ଆମ୍ବୁଲାନ୍ସରେ ନେବା ଆଣିବା ଲାଗି ସେମାନଙ୍କୁ ପ୍ରାୟ ୩ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡିଥିଲା। ବର୍ତ୍ତମାନ ଏହି ଶିଶୁକନ୍ୟାଙ୍କ ଓଜନ ସାଢେ ୯ କିଲୋ। ମୁଣ୍ଡର ଆକାର ସାଧାରଣ ଆକୃତିର ଦୁଇଗୁଣା ହେଲାଣି। ଚଳିତ ମାସ ୧୨ ତାରିଖରେ ପରିବାର ଲୋକେ ଝିଅକୁ ନେଇ ଭୁବନେଶ୍ୱରର ଏମ୍‌ସ ହସ୍‌ପିଟାଲକୁ ଯାଇଥିଲେ। ସେଠାରେ କରାଯାଇଥିବା ପରୀକ୍ଷା ରିପୋର୍ଟ ଏଯାଏ ମିଳିନାହିଁ। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ୩୭ ନଂ ଜୋନ୍ ଜିଲା ପରିଷଦ ସଭ୍ୟ ବ୍ରଜମୋହନ ବେହେରା ଓଡ଼ିଶା ରାଜ୍ୟ ଚିକିତ୍ସାପାଣ୍ଠିରୁ ଶିଶୁକନ୍ୟାଙ୍କ ଚିକିତ୍ସା ଲାଗି ସହାୟତା ଆଣିବାକୁ ବ୍ୟକ୍ତିଗତ ଭାବେ ଉଦ୍ୟମ କରିବେ ବୋଲି କହିଛନ୍ତି। ଏହି ଶିଶୁକନ୍ୟାର ଚିକିତ୍ସା ଲାଗି ଆବଶ୍ୟକ ସହାୟତା ଯୋଗାଇ ଦେବା ସକାଶେ ଗ୍ରାମବାସୀ ସ୍ୱାସ୍ଥ୍ୟ ବିଭାଗ ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟି ଆକର୍ଷଣ କରିଛନ୍ତି।

### ଗୋପବନ୍ଧୁ ନଗର ବ୍ଲକରେ ଜନଶୁଣାଣି ଶିବିର

**କୁଆମରା, ୨୧।୯(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ କାର୍ଯ୍ୟାଳୟ ପରିସରରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ୨୦୧୮-୧୯ ଆର୍ଥିକ ବର୍ଷର ବ୍ଲକସ୍ତରୀୟ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବାରିପଦା ଆଇଟିଡିଏର ପ୍ରକଳ୍ପ ପ୍ରଶାସକ କାର୍ଯ୍ୟକ୍ରମରେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ବିଡିଓ ମନୋଜ କୁମାର ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ଶରତ ଚନ୍ଦ୍ର ବେହେରା, ଏପିଓ ଆଲୋକ କୁମାର ଦାସ ପ୍ରମୁଖ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ବିଭିନ୍ନ ତଥ୍ୟ ପ୍ରଦାନ କରିଥିଲେ। ୨୦୧୮-୧୯ରେ ଏହି ବ୍ଲକର ୧୩ ପଞ୍ଚାୟତରେ ୭କୋଟି ୧୧ଲକ୍ଷ ଟଙ୍କା ବ୍ୟୟ କରାଯାଇଛି। ୧୪ ହଜାର ୫୦ ଜବକାର୍ଡଧାରୀଙ୍କ ମଧ୍ୟରୁ ୮, ୪୧୭ ଜଣଙ୍କୁ କାମ ମିଳିଛି। ୨,୩୭,୫୧୧ଦିନର ଶ୍ରମ ଦିବସ ସୃଷ୍ଟି ହୋଇଥିବା ବେଳେ ୧୧୧ ଶ୍ରମିକ ୧୦୦ଦିନର କାର୍ଯ୍ୟ ସମ୍ପୂର୍ଣ୍ଣ କରିଛନ୍ତି।

## ହୋ ଯୁବ ପ୍ରତିଭା ଗାମାୟ



**କପ୍ତିପଦା, ୨୧।୯(ଡି.ଏନ୍.ଏ,)**

ନିଜ ରାଜ୍ୟ ଓ ଅଞ୍ଚଳରେ ଆଦିବାସୀ ସମ୍ପ୍ରଦାୟର ବିକାଶ ଓ ସାମାଜିକ ପରିବର୍ତ୍ତନ ପାଇଁ କାମ କରି ବେଶ୍ ଚର୍ଚ୍ଚାକୁ ଆସିଛନ୍ତି, ଗାମାୟ ରିମିଲ ସିଂ ଗଇପଇ(୨୩) । ତାଙ୍କ ଘର ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍ ଅଧୀନ ରାଣୀପୋଖରୀ ପଞ୍ଚାୟତ ପାଣ୍ଡୁସାହିରେ। ସେ ଅନ୍ୟ ଜଣେ ଯୁବ ପ୍ରତିଭା ଇଂ ବିକ୍ରମ ବିରୁଲିଙ୍କ ସହାୟତାରେ ହୋ ସମାଜର ବିକାଶ ଲାଗି ଡକ୍ୟୁମେଣ୍ଟାରୀ, ୱେବସାଇଟ୍ ଓ ନିଉଜ ଚ୍ୟାନେଲ ଆଦି ପ୍ରସ୍ତୁତ କରିଛନ୍ତି। ଏହି ଚ୍ୟାନେଲ ବର୍ତ୍ତମାନ ବିଭିନ୍ନ ସୋସିଆଲ ମିଡିଆରେ ଉପଲବ୍ଧ ହେଉଛି। ଗତ ୧୭ ଓ ୧୮ ତାରିଖ ଦୁଇ ଦିନ ଧରି କଳାହାଣ୍ଡି ଜିଲା ଭବାନୀପାଟଣା 'ଓୟୁଏଟି' କେନ୍ଦ୍ର ପରିସରରେ ଅନୁଷ୍ଠିତ ସମାବେଶରେ ପ୍ରତିନିଧିତ୍ୱ କରିବା ଲାଗି ସେ ମନୋନୀତ ହୋଇଥିଲେ। ଓଡିଶା ହୋ ସମାଜ ପକ୍ଷରୁ ଗାମାୟାଙ୍କ ସମେତ ମୋଟ ୫ଜଣ ଯୁବ ପ୍ରତିଭାଙ୍କୁ ମନୋନୀତ କରାଯାଇଥିଲା। ସମ୍ବାଦ-ଏ ଟ୍ରାଇବାଲ ଲିଡରସିପ ଶୀର୍ଷକ ଏହି ସମାବେଶରେ ଗାମାୟ ଭାଗ ନେଇଥିବାରୁ ତାଙ୍କୁ ହୋ ସମାଜ ସମେତ ଅଞ୍ଚଳବାସୀଙ୍କ ପକ୍ଷରୁ ସ୍ୱାଗତ କରାଯାଇଛି। ଓଡିଶା ସରକାରଙ୍କ ପକ୍ଷରୁ ଆୟୋଜିତ ଓ ଟାଟା ଷ୍ଟିଲ ସହଯୋଗରେ ଏହି ସମାବେଶରେ ରାଜ୍ୟର ବିଭିନ୍ନ ଜିଲାରୁ ବିଭିନ୍ନ ଆଦିବାସୀ ସମ୍ପ୍ରଦାୟର ୨ଶହରୁ ଉର୍ଦ୍ଧ୍ୱ ଯୁବ ପ୍ରତିଭା ଭାଗ ନେଇଥିଲେ। ଏହା ପୂର୍ବରୁ ଗାମାୟ ଦିଲ୍ଲୀ ଜନ୍ତରମନ୍ତର ଠାରେ ହୋ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବା ପାଇଁ ହୋଇଥିବା ରାଲିରେ ଯୋଗ ଦେଇ ଦୃଢ଼ ଦାବି ଉପସ୍ଥାପନ କରିଥିଲେ। କେମେଷ୍ଟ୍ରିରେ ପିଜି କରିବା ପରେ ଚାକିରି ପଛରେ ନ ଗୋଡ଼ାଇ ସମାଜ ସେବାକୁ ସେ ନିଜ ଜୀବନର ବ୍ରତ କରିଥିବା ସେ କହିଛନ୍ତି।



ଉଦଳା ବଜାରରେ ଏକ ଦୋକାନରେ ପଲିଥିନ୍ ଯାଞ୍ଚ କରାଯାଉଛି।

## ପଲିଥିନ୍ ବ୍ୟବହାର ରୋକିବାକୁ ବ୍ୟବସାୟୀଙ୍କ ଉପରେ ଚଢ଼ାଉ

**ଉଦଳା, ୨୧।୯ (ଡି.ଏନ.ଏ.)**

ପଲିଥିନ ବ୍ୟବହାର ରୋକିବା ଲାଗି ଆସନ୍ତା ଅକ୍ଟୋବର ୨ ତାରିଖ ଠାରୁ ପ୍ରଶାସନ ତରଫରୁ ଗ୍ରହଣ କରାଯିବ କଡ଼ା କାର୍ଯ୍ୟାନୁଷ୍ଠାନ । ତେବେ ମୟୂରଭଞ୍ଜ ଜିଲା ଉଦଳା ଏନଏସି ଇଲାକାରେ ଶନିବାର ପ୍ରଶାସନ ତରଫରୁ ବ୍ୟବସାୟୀଙ୍କ ଉପରେ ଚଢାଉ କରାଯାଇଥିଲା। ଉଦଳା ଏନଏସି ପକ୍ଷରୁ ଗଠିତ ସ୍ୱତନ୍ତ୍ର ଟିମ୍ ପ୍ରାୟ ୨୦ ରୁ ଅଧିକ ଛୋଟ ବଡ ବ୍ୟବସାୟିକ ଅନୁଷ୍ଠାନ, ହୋଟେଲ, ଜଳଖିଆ ଦୋକାନ ଉପରେ ଚଢାଉ କରି ୮ ହଜାର ଟଙ୍କା ଜରିମାନା ଆଦାୟ କରିଥିଲା। ପୋଲିସ୍ ଓ ପ୍ରଶାସନର ଏହି ମିଳିତ ଚଢାଉରେ ପଲିଥିନ୍, ଥର୍ମୋକୁଲ୍ ପ୍ଲେଟ, ଦନା ଜବତ କରାଯିବା ସହିତ ସଚେତନତାମୂଳକ ନାମକୁ ମାତ୍ର ଜରିମାନା ଆଦାୟ କରାଯାଇଥିଲା ବୋଲି ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରତନ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି । ଏଭଳି ଚଢାଉ ଜାରି ରହିବ ଏବଂ ଆସନ୍ତା ୨ ତାରିଖଠାରୁ ଏହାକୁ ଅଧିକ କଡ଼ାକଡ଼ି କରାଯିବ । ଶନିବାର ଚଢାଉ ବେଳେ ଏନଏସି ଅଧିକାରୀ ରତନ କୁମାର ପଟ୍ଟନାୟକ, ଉଦଳା ଥାନା ସବଇନ୍ସପେକ୍ଟର ଅମ୍ବିକା ଦାସ, ଅତିରିକ୍ତ ତହସିଲଦାର ମହେନ୍ଦ୍ର ବେହେରା ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦର କର୍ମଚାରୀମାନେ ସହଯୋଗ କରିଥିଲେ।



ଅତିଥିମାନଙ୍କ ଗହଣରେ ଫୁଟ୍‌ବଲ୍ ଟୁର୍ନାମେଣ୍ଟର ଖୋଲାଳି।

## ପଞ୍ଚାୟତ ସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ

**ଠାକୁରମୁଣ୍ଡା, ୨୧।୯(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ ପ୍ରଶାସନ ପକ୍ଷରୁ ପଞ୍ଚାୟତ ସ୍ତରୀୟ ୨ ଦିନିଆ ଫୁଟବଲ ପ୍ରତିଯୋଗିତା ଶନିବାର ମା' ବାସୁଲି ମହାବିଦ୍ୟାଳୟ ନିକଟ ଖୁଣ୍ଟାପସି ପଡ଼ିଆଠାରେ ଉଦ୍‌ଘାଟିତ ହୋଇଛି। ପ୍ରତିଯୋଗିତାକୁ ବ୍ଲକ ଅଧକ୍ଷ ପ୍ରଶାନ୍ତ କୁମାର ବେହେରା ଏବଂ ବିଡ଼ିଓ ବିଜୟ କୁମାର ନାୟକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଠାକୁରମୁଣ୍ଡା ବ୍ଲକର ମୋଟ ୧୮ ପଞ୍ଚାୟତର ଫୁଟବଲ ଟିମ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରୁଛନ୍ତି। ଉଦ୍‌ଘାଟନୀ ଦିବସରେ ଠାକୁରମୁଣ୍ଡା, ଭରାଣ୍ଡିହା, ଭାଲିଆଡାଳ, ପୋଡ଼ିଆବେଡା, ଚମ୍ପାଝର, କେନ୍ଦୁଜିଆଣି ପଞ୍ଚାୟତର ଫୁଟବଲ ଟିମ୍ ଖେଳ ପ୍ରଦର୍ଶନ କରିଥିଲେ। ଖେଳଶିକ୍ଷକ କାହ୍ନୁରୁ ପାତ୍ର, ସୁଧାକର ଦେହୁରୀ, ରବୀନ୍ଦ୍ରନାଥ ମହାନ୍ତ ଏହାକୁ ପରିଚାଳନା କରିଥିଲେ। ପଞ୍ଚାୟତ ସ୍ତରରୁ ଦକ୍ଷ ଖେଳାଳୀଙ୍କୁ ଚୟନ କରାଗଲେ, ସେମାନେ ବ୍ଲକ ସ୍ତରୀୟ ଟୁର୍ନାମେଣ୍ଟରେ ଅଂଶ ଗ୍ରହଣ କରିବେ ବୋଲି ଜଣାପଡିଛି।

## 'ରକ୍ତ ବର୍ଗ ଚିହ୍ନଟ ଶିବିର ଖୋଲ'

**ବାରିପଦା ଅଫିସ, ୨୧।୯**

ନୂତନ ମୋଟର ଯାନ ନିୟମ ଅନୁଯାୟୀ ଗାଡି ଡ୍ରାଇଭିଂ ଲାଇସେନ୍ସ ଜରୁରୀ। ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଏହି ଲାଇସେନ୍ସ ଓ ଅନ୍ୟ ପ୍ରମାଣପତ୍ର ଆବେଦନ ଲାଗି ରକ୍ତ ବର୍ଗ ପ୍ରମାଣପତ୍ର ଆବଶ୍ୟକ ପଡୁଛି। ସ୍ଥାନୀୟ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ରେଡକ୍ରସ ଦ୍ୱାରା ପରିଚାଳିତ ରକ୍ତ ଭଣ୍ଡାରରୁ ରକ୍ତ ବର୍ଗୀକରଣ କାଗଜପତ୍ର ଆଣିବାକୁ କୁହାଯାଉଛି। ଏଠାକାର ରକ୍ତ ଭଣ୍ଡାରରେ ସକାଳ ୯ ରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ରକ୍ତ ବର୍ଗୀକରଣ କରାଯାଉଥିବାରୁ ଭିଡ ଲାଗି ରହୁଛି। ସମୟ ସରିବା ପରେ ଧାଡିରେ ଥିବା ଲୋକେ ବାଧହୋଇ ଫେରିଯାଉଛନ୍ତି। ଏହାର ସ୍ଥାୟୀ ସମାଧାନ ପାଇଁ ଭଞ୍ଜସେନାର ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟିଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜର ଅଧ୍ୟକ୍ଷଙ୍କୁ ସାକ୍ଷାତ କରି ବାରିପଦାରେ ୩, ଉଦଳାରେ ୨, କରଞ୍ଜିଆରେ ୨, ରାଇରଙ୍ଗପୁରରେ ୨ଟି ରକ୍ତ ବର୍ଗୀକରଣ ଶିବିର ସମେତ ଜିଲାର ସ୍ୱାସ୍ଥ୍ୟକେନ୍ଦ୍ରରେ ଏଭଳି ଶିବିର ଖୋଲିବାକୁ ଦାବି କରିଛନ୍ତି। ପ୍ରତିନିଧିଦଳରେ ସହର ଉପସଭାପତି ସେଖ ରାଜା ଖାନ, କିଶୋର ମହାପାତ୍ର, ଏଡି ନାଜିର ହକ, ଇସ୍ରାଏଲ ହୁସେନ, ସଞ୍ଜୟ ମହାନ୍ତ, ଅଶୋକ ବଗାର ଓ ବଳରାମ ଦାସ ପ୍ରମୁଖ ସାମିଲ ହୋଇଥିଲେ।

## ବିଶ୍ୱବିଦ୍ୟାଳୟରେ ସିଡ୍‌ବଲ ୱାର୍କଶପ

**ବାରିପଦା ଅଫିସ, ୨୧।୯**



ଉପସ୍ଥିତ ଛାତ୍ରୀଛାତ୍ର ଓ ଅତିଥିବୃନ୍ଦ।

ମୟୂରଭଞ୍ଜ ଜିଲା ବାରିପଦା ତକତପୁର ସ୍ଥିତ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଓ ସୁପର ୩୦ ଗ୍ରୀନ ଓଡ଼ିଶା ମିଳିତ ଆନୁକୂଲ୍ୟରେ ସିଡ୍‌ବଲ ୱାର୍କଶପ ଅନୁଷ୍ଠିତ ହୋଇଯାଇଛି। କୁଳସଚିବ ପ୍ରମୋଦ କୁମାର ଶତପଥୀ ଓ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷା ସୁସ୍ମିତା କର ଏହାକୁ ଉଦଘାଟନ କରିଥିଲେ। ଜାତୀୟ ସେବା ଯୋଜନାର ସଂଯୋଜିକା ଉଷା ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଜାତୀୟ ସେବା ଯୋଜନା ମୁକ୍ତ ଶାଖାର ସଂଯୋଜକ ଡ.ସ୍ମୃତିରଞ୍ଜନ ଦାସ ପରିଚାଳନା କରିଥିଲେ । ଉଦ୍ଭିଦ ଓ ପରିବେଶ ବିଜ୍ଞାନୀ ଧର୍ମେନ୍ଦ୍ର କର ଯୋଗଦେଇ ସବୁଜ ବିପ୍ଳବ ଲାଗି ସିଡ୍‌ବଲର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ପଦ୍ଧତିରେ ଜଙ୍ଗଲ ସୃଷ୍ଟି କରାଯାଇ ପରିବେଶରେ ସନ୍ତୁଳନ ରକ୍ଷା କରାଯାଇ ପାରିବ ବୋଲି ଅତିଥି ଓ ବକ୍ତାମାନେ କହିଥିଲେ। ଡ.ମିନତି ମଲ୍ଲିକ, ଡ.ମଧୁସ୍ମିତା ସାହୁ, ମନୋଜ କୁମାର ଚାନ୍ଦ, ଭାନୁମିତ୍ର ଆଚାର୍ଯ୍ୟ, ସଂଯୁକ୍ତା ବଶା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସାମାଜିକ କର୍ମୀ ଶଙ୍କର୍ଷଣ ପଣ୍ଡା ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଏମପିସି ଅଟନୋମସ୍ କଲେଜ, ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍ସି ଏବଂ ଜାତୀୟ ସେବା ଯୋଜନା ବିଭାଗର ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

**■ ମହିଁଷାଶୁରୀ-ପଦ୍ମପୋଖରୀ ପ୍ରଧାନମନ୍ତ୍ରୀ ରାସ୍ତା**

# ଅନିୟମିତତା ଲୁଚାଇବାକୁ ଉଦ୍ୟମ

**କପ୍ତିପଦା, ୨୧।୯(ଡି.ଏନ.ଏ)**



ଟୁଲୁଙ୍କବାହାଳି ନିକଟରେ ରାସ୍ତାରେ ଖାଲଖମା।

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ ମହିଁଷାସୁରୀ ଛକରୁ ପଦ୍ମପୋଖରୀ ଯାଏ ଦୀର୍ଘ ୧୯କି.ମି. ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ନିମ୍ନମାନର କାମ କରାଯାଇଥିବା ଅଭିଯୋଗ ହୋଇଛି। କାମ ହେବାର ମାସେ ନ ଯାଉଣୁ କେତେକ ସ୍ଥାନରେ ପିଚୁ ଉଠିବା ସହ ରାସ୍ତା ଦବି ଗଲାଣି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଯଥାକ୍ରମେ ୬୦ ଓ ୪୦ ପ୍ରତିଶତ ଅନୁଦାନରେ ମୋଟ ୬ କୋଟି ୬୯ଲକ୍ଷ ଟଙ୍କା ଏହି ରାସ୍ତା ନିର୍ମାଣ ଲାଗି ବ୍ୟୟ ଅଟକଳ କରାଯାଇଛି । ୨୦୧୬ ଡିସେମ୍ବର ୨ରୁ କାମ ଆରମ୍ଭ ହୋଇ ୨୦୧୭ ସେପ୍ଟେମ୍ବର ପହିଲାରେ ଶେଷ ହେବ ବୋଲି ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା, ଯାହା ସୂଚନା ଫଳକରୁ ଜଣାପଡିଛି । ଧାର୍ଯ୍ୟ ସମୟର ୨ ବର୍ଷ ବିତିବା ସତ୍ତ୍ୱେ ରାସ୍ତାର ଅନେକ ଅଂଶ କାମ ବାକି ପଡିଛି ବୋଲି ମଝିଗଡିଆ, ଗେଣ୍ଡାଗଡିଆ, ଆଦରପଦା, ପୁରୁଣା ପାଣି ଓ ଟୋଲଗଡିଆ ଗ୍ରାମବାସୀ ଅଭିଯୋଗ କରି ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି । ଅନ୍ୟପକ୍ଷେ ଅହେତୁକ ଅନୁକମ୍ପା ଦେଖାଇ ଏହି ରାସ୍ତା ନିର୍ମାଣରେ ଆବଶ୍ୟକତାଠାରୁ ଅଧିକ ବିଲ୍ ପୈଠ କରାଯାଇଥିବା ଅଭିଯୋଗ ହୋଇଛି।

ସ୍ଥାନୀୟ ଗ୍ରାମବାସୀ କହିଛନ୍ତ, ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ହୋଇଥିବା ଏହି ରାସ୍ତା ନିର୍ମାଣ କାମରେ ଅନିୟମିତତା ହୋଇଥିବା ସମ୍ପର୍କରେ ସେମାନେ ପ୍ରଥମେ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଲୋକଯୁକ୍ତ, ଜିଲାପାଳ, ବାଲେଶ୍ୱର ଭିଜିଲାନ୍ସ ଏସ.ପି.ଙ୍କ ନିକଟକୁ ଲିଖିତ ଅଭିଯୋଗ ପଠାଇଥିଲେ। ସୋସିଆଲ ମିଡିଆ ଓ ଅନ୍ୟ ଗଣମାଧ୍ୟମ ଜରିଆରେ ସେମାନେ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କାର୍ଯ୍ୟ ତଦାରଖ ଦାୟିତ୍ୱରେ ଥିବା ଜଣେ ଅଧିକାରୀ ନିକଟରେ ପଦୋନ୍ନତି ପାଇଥିବାରୁ ଏହି ଅନିୟମିତତା ଘଟଣାକୁ ଚାପି ଦେବା ପ୍ରୟାସ ଆରମ୍ଭ ହୋଇଛି। ଅନ୍ୟପକ୍ଷେ ଭେଜଡିହା, ଛତ୍ରାଆମ୍ବ, ରାଇପାଳ ଓ ପଦ୍ମପୋଖରୀ ଗ୍ରାମ ନିକଟରେ ରାସ୍ତା କାମ ସରିଥିବା କୁହାଯାଉଥିଲେ ହେଁ, ଏହାର ଅବସ୍ଥା ଅଧିକ ଖରାପ ହୋଇପଡିଛି। ଗେଣ୍ଡାଗଡିଆ, ଆଦରପଦା, ପୁରୁଣା ପାଣି ଓ ଟୋଲଗଡିଆ ନିକଟରେ ଆଦୌ କାମ ହୋଇ ନ ଥିବା ଗ୍ରାମବାସୀ କହିଛନ୍ତି। ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ମାସକ ମଧ୍ୟରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗୀୟ ଅଧିକାରୀ କହିଥିଲେ ମଧ୍ୟ ଏବେ ନୀରବ ହୋଇ ବସିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ସୁକାନ୍ତ ବେହେରାଙ୍କୁ ପଚାରିବାରୁ କହିଛନ୍ତି, କାମରେ ଅନିୟମିତତା ହୋଇଥିବା ଅଭିଯୋଗ ପରେ ସମ୍ପୃକ୍ତ ଠିକା ସଂସ୍ଥାକୁ ତାଗିଦ କରାଯାଇଛି । ଆବଶ୍ୟକ ହେଲେ ଟେଣ୍ଡର ବାତିଲ କରି ନୂଆ ଟେଣ୍ଡର ଡକାଯାଇ କାମ ତ୍ୱରାନ୍ୱିତ କରାଯିବ। ଜେଇ ଜଗଦୀଶ ବେହେରା ଅନୁରୂପ ମତ ଦେଇ ପୂଜା ଛୁଟି ପରେ ଖରାପ ହୋଇଥିବା ରାସ୍ତା ମରାମତି ସହ ବାକିଥିବା କାମକୁ ଶେଷ କରାଯିବ ବୋଲି କହିଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ,ରବିବାର, ସେପ୍ଟେମ୍ବର ୨୨/୨୦୧୯ Dhenkanal, Sunday, September 22 / 2019

## ସଂକ୍ଷେପରେ

### ବିଜେଡି କାର୍ଯ୍ୟକାରିଣୀ ବୈଠକ

**ଛେଣ୍ଡିପଦା, ୨୧।୯(ସ୍ୱ.ପ୍ର.):** ଅନୁଗୋଳ ଜିଲା ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀ ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଶନିବାର ସ୍ଥାନୀୟ କୋଶଳା ମହାବିଦ୍ୟାଳୟ ଖେଳ ପଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ଛେଣ୍ଡିପଦା ବ୍ଲକ ବିଜେଡି ସଭାପତି ଶ୍ରୀଧର ଗଡନାୟକ ଓ ବିଧାୟକ ସୁଶାନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ଆୟୋଜିତ ଏହି ବୈଠକରେ ଦଳୀୟ କର୍ମୀମାନଙ୍କୁ ଦଳର ସଦସ୍ୟତା ଅଭିଯାନକୁ ଆଗେଇନେବାକୁ ଆହ୍ୱାନ ଦେଇଥିଲେ। ସାଧାରଣ ଜନତାଙ୍କ ସମସ୍ୟାଗୁଡିକର ସମାଧାନ ପାଇଁ କର୍ମୀମାନେ ଆଗେଇ ଆସିବା ଉଚିତ ବୋଲି ବିଧାୟକ କହିଥିଲେ। ବୈଠକରେ ବ୍ଲକ ଅଧକ୍ଷ ଅଶୋକ କୁମାର ପ୍ରଧାନ, ଉପାଧକ୍ଷା ସୁଷମା ରାଉଳ, ଜିଲା ପରିଷଦ ସଦସ୍ୟ ଭାସ୍କର ପ୍ରଧାନ, ବିଧାୟକଙ୍କ ପ୍ରତିନିଧି ପ୍ରଦୀପ କୁମାର ସାହୁ, ପୂର୍ବତନ ସରପଞ୍ଚ ଉପେନ୍ଦ୍ର ବେହେରା, ନିର୍ବାଚନ ମଣ୍ଡଳି ଯୁବ ସଭାପତି ସତ୍ୟବ୍ରତ ଦେହୁରୀ, ବ୍ଲକ ଯୁବ ସଭାପତି ରାକେଶ ନାଥଙ୍କ ସହିତ ନିର୍ବାଚିତ ପଞ୍ଚାୟତ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

### ସାପ କାମୁଡ଼ାରେ ମହିଳା ମୃତ

**ଅନୁଗୋଳ ଅଫିସ, ୨୧।୯:** ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଜଣେ ସାପ କାମୁଡ଼ା ରୋଗୀଙ୍କ ମୃତ୍ୟୁ ହୋଇଛି। ମୃତ ମହିଳା ରୋଗୀ ହେଲେ ଠାକୁରଗଡ଼ ଥାନା ପାଇକସାହିର ବିଜୁଳି ଗୋଛାୟତ। ଶନିବାର ତାଙ୍କୁ ସାପ କାମୁଡ଼ି ଥିଲା। ପରିବାର ଲୋକ ତୁରନ୍ତ ଚିକିତ୍ସା ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

## ଅଗ୍ନି ନିରାପତ୍ତା ନେଇ ଅଗ୍ନିଶମ ବିଭାଗର ପଦକ୍ଷେପ

# ବ୍ୟବସାୟୀ, ଜନସାଧାରଣଙ୍କୁ କରାଗଲା ସଚେତନ



**ଅନୁଗୋଳ ଅଫିସ, ୨୧।୯**

ଅନୁଗୋଳ ଅଗ୍ନିଶମ ବିଭାଗ ପକ୍ଷରୁ ଶୁକ୍ରବାର ସହରର ୧୩ଟି ବ୍ୟବସାୟ ପ୍ରତିଷ୍ଠାନ ସହ ବଡ଼ ବଡ଼ ଅଟ୍ଟାଳିକାରେ ଅଗ୍ନି ନିରାପତ୍ତା ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ସମ୍ବଲପୁର ରେଞ୍ଜ ଅଗ୍ନିଶମ ଅଧିକାରୀ ମନୋରଞ୍ଜନ ଭୋଳଙ୍କ ନେତୃତ୍ୱରେ ଆସିଥିବା ୭ଟି ଟିମ୍ ଏହି ଯାଞ୍ଚ କରିବା ସହ ବ୍ୟବସାୟୀ ଓ ଜନସାଧାରଣଙ୍କୁ ସଚେତନ କରିଥିଲେ। ଅଭାବ ଥିବା ନିରାପତ୍ତା ସାମଗ୍ରୀ ସମ୍ପର୍କରେ ସପ୍ତାହକ ମଧ୍ୟରେ ଅନୁଗୋଳ ଅଗ୍ନିଶମ ବିଭାଗକୁ ବ୍ୟବସାୟୀ ପ୍ରତିଷ୍ଠାନଗୁଡ଼ିକୁ ଲିଖିତ ଆକାରରେ ଜଣାଇବେ। ଏହାପରେ ସମ୍ପୃକ୍ତ ବ୍ୟବସାୟିକ ପ୍ରତିଷ୍ଠାନ, ଘରୋଇ ଚିକିତ୍ସାଳୟ ଓ ବଡ଼ ବଡ଼ ଅଟ୍ଟାଳିକାରେ ତାହା କାର୍ଯ୍ୟକାରୀ କରାଯିବ ବୋଲି ଅଗ୍ନିଶମ ବିଭାଗ ପକ୍ଷରୁ କୁହାଯାଇଛି।

ଅନୁଗୋଳ ସହରରେ ଥିବା ନର୍ସିଂହୋମ, ବଡ଼ ବଡ଼ କପଡ଼ା ଦୋକାନ, କଟେଜ୍ ଗୁଡ଼ିକରେ ଅଗ୍ନି ନିରାପତ୍ତା ସମ୍ପର୍କରେ ସଚେତନ ସୃଷ୍ଟି କରିବା ପାଇଁ ଅଗ୍ନିଶମ ବିଭାଗ ପକ୍ଷରୁ ମୋଟ୍ ୭ଟି ଟିମ୍ ଗଠନ କରାଯାଇଥିଲା। ପ୍ରତି ଟିମ୍‌ରେ ୬ଜଣ ଲେଖାଏ ସଦସ୍ୟଙ୍କୁ ରଖାଯାଇଥିଲା। ଉକ୍ତ ଟିମ୍‌ଗୁଡ଼ିକ ସହରରେ ବିଭିନ୍ନ ସ୍ଥାନରେ ପହଞ୍ଚି ଅଗ୍ନି ନିରାପତ୍ତା ପାଇଁ ଉକ୍ତ ପ୍ରତିଷ୍ଠାନଗୁଡ଼ିକରେ କି କି ବ୍ୟବସ୍ଥା କରାଯାଇଛି ତାହା ଅନୁଧ୍ୟାନ କରିଥିଲେ। ଏଥିସହ କେଉଁ ବ୍ୟବସାୟିକ ପ୍ରତିଷ୍ଠାନରେ ଆଉ କ'ଣ ଅଧିକ ସାମଗ୍ରୀ ଆବଶ୍ୟକ ସେ ନେଇ ବ୍ୟବସାୟୀମାନଙ୍କୁ ପରାମର୍ଶ ଦେଇଥିଲେ। ଉକ୍ତ ସାମଗ୍ରୀ ଗୁଡ଼ିକର ଆବଶ୍ୟକତା ସମ୍ପର୍କରେ ବିଭାଗ ପକ୍ଷରୁ ଚିଠି ମଧ୍ୟ କରାଯିବ। ସେହିପରି ଜରୁରିକାଳୀନ ସମୟରେ ବିଭିନ୍ନ ସ୍ଥାନରେ ଥିବା ଅଗ୍ନି ନିରାପତ୍ତା ଗୁଡ଼ିକ କିପରି ବ୍ୟବହାର କରାଯିବ ସେ ନେଇ ମଧ୍ୟ ଅବଗତ କରାଯାଇଥିଲା। ଉକ୍ତ ୪୦ ଜଣିଆ ଟିମ୍‌ରେ ରେଞ୍ଜ ଅଧିକାରୀ ଭୋଳଙ୍କ ସହ ଅନୁଗୋଳ ଜିଲା ଅଗ୍ନିଶମ ଅଧିକାରୀ ସର୍ବେଶ୍ୱର ବରାଳ, କେନ୍ଦୁଝରର ଶଶାଙ୍କ ଶେଖର ମହାପାତ୍ର, ଢେଙ୍କାନାଳର ଉମାକାନ୍ତ ନାୟକ, ସମ୍ବଲପୁରର ଜିତେନ୍ଦ୍ର କୁମାର ଦାସ, କଟକ ଅଗ୍ନିଶମ ମହାନିର୍ଦ୍ଦେଶକ କାର୍ଯ୍ୟାଳୟର ଦୁଇ ଜଣ ଡେମୋନଷ୍ଟ୍ରେଟର, ଜିଲା ଅଗ୍ନିଶମ ଅଧିକାରୀ ଓ କର୍ମଚାରୀମାନେ ସଦସ୍ୟ ରହିଥିଲେ।

# ଶିଳ୍ପ ସଚେତନତା କର୍ମଶାଳା

**କଣିହାଁ, ୨୧।୯(ଡି.ଏନ.ଏ.)**

କଣିହାଁ ବ୍ଲକ କମରେଇ ପଞ୍ଚାୟତ ସଭାଗୃହରେ ଶନିବାର ଶିଳ୍ପ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ଜିଲା ଶିଳ୍ପକେନ୍ଦ୍ର ତରଫରୁ ଆୟୋଜିତ କାର୍ଯ୍ୟକ୍ରମକୁ ସରପଞ୍ଚ ଦୁଃଖବନ୍ଧୁ ଭୂତିଆ ଉଦ୍‌ଘାଟନ କରିଥିଲେ। ଶିଳ୍ପ ନିର୍ଦ୍ଦେଶାଳୟ କଟକର ପଦାଧିକାରୀମାନେ ଯୋଗ ଦେଇ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପକୁ ନେଇ କୌଳିକ ବୃତ୍ତିକୁ ବଞ୍ଚାଇ ରଖିବାକୁ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବହୁ କୁମ୍ଭକାର ପରିବାର ଯୋଗ ଦେଇ ସେମାନଙ୍କ କୌଳିକ ବୃତ୍ତି ବୁଡ଼ି ଯାଉଥିବା ନେଇ ସମସ୍ୟା ଉପସ୍ଥାପନ କରିଥିଲେ। ସେମାନଙ୍କୁ ସରକାରୀ ପ୍ରୋତ୍ସାହନ ସହ ସହାୟତା ପ୍ରଦାନ କରାଯିବା ସମ୍ପର୍କରେ ଶିବିରରେ ଜଣାଯାଇଥିଲା। ଏ ସମ୍ପର୍କରେ ସରପଞ୍ଚ କୁହନ୍ତି, ବ୍ଲକର ସର୍ବାଧିକ କୁମ୍ଭକାର କମରେଇ ପଞ୍ଚାୟତରେ ରହିଛନ୍ତି। ସରକାରଙ୍କ ଦୃଷ୍ଟି ଏବେ ସେମାନଙ୍କ ଉପରେ ପଡିଛି। ଏହ ଦ୍ୱାରା ସେମାନେ ଉପକୃତ ହେବାର ଆଶା ସଞ୍ଚାର ହୋଇଛି।




# ବିଜେଡି ସଭ୍ୟ ସଂଗ୍ରହ ଅଭିଯାନ

**କଣିହାଁ,୨୧।୯(ଡି.ଏନ.ଏ)**

କଣିହାଁ ବ୍ଲକ ପାଲଲହଡ଼ା ବିଧାନସଭା କ୍ଷେତ୍ର ୧୦ ନଂ. ଜିଲା ପରିଷଦ ଜୋନରୁ ଶନିବାର ବିଜେଡିର ସଭ୍ୟ ସଂଗ୍ରହ ଅଭିଯାନ ଆରମ୍ଭ ହୋଇଛି। ଏ ନେଇ ପରାବିଲ ପଞ୍ଚାୟତ ଅଞ୍ଚଳରେ ଏକ ବୈଠକ ବସିଥିଲା। ପଞ୍ଚାୟତ ସଭାପତି ପର୍ଶୁରାମ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସଂଯୋଜକ ଝସକେଶନ ପ୍ରଧାନ, ସୁବାସ ମହାନ୍ତି ଯୋଗଦେଇ ତୃଣମୂଳସ୍ତରରୁ ଦଳକୁ କିପରି ଅଧିକ ମଜବୁତ କରାଯିବ ସେ ନେଇ ଆଲୋଚନା କରିଥିଲେ। ପ୍ରଥମ ଦିନରେ ମୋଟ୍ ୧୬ ୱାର୍ଡରୁ ୬୦ଜଣ ସଦସ୍ୟତା ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମ ପ୍ରତ୍ୟେକ ପଞ୍ଚାୟତରେ ଚାଲିବ ବୋଲି ଦଳୀୟ କାର୍ଯ୍ୟକର୍ତ୍ତା ସୂଚନା ଦେଇଛନ୍ତି।



କାର୍ଯ୍ୟକ୍ରମରେ ବିଜେଡି କର୍ମକର୍ତ୍ତାମାନେ।

# ମନ୍ଦିର ନିର୍ମାଣ ପ୍ରସ୍ତୁତି

**ବଇଣ୍ଡା,୨୧।୯(ଡି.ଏନ.ଏ)**

କିଶୋରନଗର ବ୍ଲକ ବଇଣ୍ଡା ରାଧାକୃଷ୍ଣ ମନ୍ଦିର ପରିସରରେ ଶୁକ୍ରବାର ବଇଣ୍ଡା ଛକ ବିକାଶ ପରିଷଦ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ରାଜକୁମାର ଅଗ୍ରୱାଲାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଗ୍ରାମ ସଭାପତି ଚିନ୍ତାମଣି ପ୍ରଧାନ, ସମ୍ପାଦକ ଜିତେନ୍ଦ୍ର ବେହେରା, ନୁନୁକାପଶି ସରପଞ୍ଚ ଜଳଧର ସାହୁ, ଭାଗୀରଥି ପ୍ରଧାନ, ତ୍ରିଲୋଚନ ସାହୁ, ବାବାଜୀ ବେହେରା, ସୁଦାମ ସାହୁ, ପରିକ୍ଷିତ ସାହୁ, ସଞ୍ଜୟ ସାହୁଙ୍କ ସମେତ ଗ୍ରାମବାସୀ, ପରିଷଦର ସଭ୍ୟମାନେ ଯୋଗ ଦେଇଥିଲେ। ୫୫ ନଂ. ଜାତୀୟ ରଜପଥ ପାଇଁ ବଇଣ୍ଡା କାଳୀମନ୍ଦିର, ମାହେଶ୍ୱରୀ ମନ୍ଦିର ଭଙ୍ଗାଯାଇଥିବାବେଳେ ଅକ୍ଟୋବର ୩ରେ ରାଧାକୃଷ୍ଣ ଓ ଶିବ ମନ୍ଦିର ଭଙ୍ଗାଯିବା ପାଇଁ ପ୍ରଶାସନ ନିର୍ଦ୍ଦେଶନାମା ଜାରି କରିଛି। ତେଣୁ ୩ ତାରିଖ ପୂର୍ବରୁ ଠାକୁରଙ୍କୁ ସ୍ଥାନାନ୍ତର କରିବା ପାଇଁ ନିଷ୍ପତ୍ତି ହୋଇଛି। ଏଥିସହ ନୂତନ ମନ୍ଦିର ସ୍ଥାପନ ପାଇଁ ବେସରକାରୀ ଜାଗା ଚିହ୍ନଟ କରିବା ସମ୍ପର୍କରେ ଆଲୋଚନା ହୋଇଥିଲା। ମନ୍ଦିରଗୁଡ଼ିକର କ୍ଷତିପୂରଣ ରାଶି ୩୮ ଲକ୍ଷ ଟଙ୍କାରୁ ୨୯ ଲକ୍ଷ ଟଙ୍କା ଉଠାଣ ସହ ବଇଣ୍ଡା ଛକ ବିକାଶ ପରିଷଦର ଚନ୍ଦନ ଯାତ୍ରା, କାର୍ତ୍ତିକେଶ୍ୱର ପୂଜା, ପୋଖରୀ ନିଲାମର ଆଦି ଆୟବ୍ୟୟ ହିସାବ କରାଯାଇଥିଲା। କମିଟିର ବୈଠକ କରା ନ ଯାଇ ଟଙ୍କା ଉଠାଣ ହୋଇଥିବା ଯୋଗୁ ଅସନ୍ତୋଷ ପ୍ରକାଶ ପାଇଥିଲା। ତେଣୁ ପୁଣିଥରେ ବୈଠକ କରାଯିବ ବୋଲି ଗ୍ରାମବାସୀ ନିଷ୍ପତ୍ତି ନେଇଛନ୍ତି।

## ଶ୍ରୀରାମ ରକ୍ଷା କବଚ

ଜୀବନର ଯେ କୌଣସି ସମସ୍ୟାର ସମାଧାନ ପାଇଁ ବହୁ ପରୀକ୍ଷିତ ଶ୍ରୀରାମ ରକ୍ଷା କବଚ ନୀତି ନିୟମରେ ଧାରଣ କରନ୍ତୁ। ପ୍ରାପ୍ତି ପାଇଁ ଯୋଗାଯୋଗ କରନ୍ତୁ:

**ଶ୍ରୀ ରବି ମିଶ୍ର, ଜ୍ୟୋତିର୍ବିଦ୍**

ତାରିଣୀ ବିହାର, କୁମ୍ଭାରସାହି, ବିଡ଼ାନାସୀ, କଟକ – ୧୪
ମୋ: ୯୪୩୯୧୪୯୯୭୫

ପ୍ରତ୍ୟେକ ବୁଧବାର ମାଗଣା ଜାତକ ବିଚାର କରାଯାଏ।

# କଂଗ୍ରେସ ସରପଞ୍ଚ, କର୍ମୀ ବିଜେଡିରେ



ରମେଶ ସାଏଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଥିବା କର୍ମୀମାନେ।



ଛେଣ୍ଡିପଦା ବିଧାୟକ ସୁଶାନ୍ତ ବେହେରାଙ୍କ ସହ ବିଜେଡିରେ ଯୋଗ ଦେଇଥିବା କର୍ମୀମାନେ।

**ବଇଣ୍ଡା/ଛେଣ୍ଡିପଦା,୨୧।୯ (ଡି.ଏନ.ଏ.)/(ସ୍ୱ.ପ୍ର)**

ଆଠମଲ୍ଲିକ ବ୍ଲକ ଆମ୍ଭଶରମୁଣ୍ଡା ପଞ୍ଚାୟତ ପୁଡ଼ାପଦରସ୍ଥିତ ବିଧାୟକ ରମେଶ ସାଏଙ୍କ ବାସଭବନଠାରେ ଜାମୁଡୋଲି ପଞ୍ଚାୟତର ସମିତିସଭ୍ୟା ଗୀତାଞ୍ଜଳି ପ୍ରଧାନ, ସନ୍ତୋଷ ପ୍ରଧାନ, କଂଗ୍ରେସ ନେତା ଜମ୍ବେଶ୍ୱର ପ୍ରଧାନ, ଶତ୍ରୁଘ୍ନ ସାହୁ, ଗୋଲଖ ସାହୁ, ଅଖଣ୍ଡ ପ୍ରଧାନ, ପ୍ରମୋଦ ପ୍ରଧାନ, ସନାତନ ପ୍ରଧାନଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ କର୍ମୀ ଶନିବାର ବିଜେଡିରେ ସାମିଲ ହୋଇଛନ୍ତି। ବିଧାୟକ ସାଏ ସେମାନଙ୍କୁ ସ୍ୱାଗତ କରିଥିଲେ। ଏହାସହିତ ଜାମୁଡୋଲି ପଞ୍ଚାୟତରେ କିଭଳି ସରକାରୀ ଯୋଜନା ପହଞ୍ଚିପାରିବ ସେଥିପାଇଁ କାମ କରିବାକୁ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀ ତେଣ୍ଟୋଲୋଇ କୋଡାସାହିର କଂଗ୍ରେସ ସମର୍ଥିତ ସରପଞ୍ଚ ବିନାୟକ ବେହେରା ରବିବାର ବିଜେଡି ସାମିଲ ହୋଇଛନ୍ତି। ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ରାମଚଣ୍ଡୀ ପୀଠଠାରେ ଆୟୋଜିତ ମିଶ୍ରଣ ପର୍ବରେ ବିନାୟକ ନିଜର ୩୦ରୁ ଊର୍ଦ୍ଧ୍ୱ ସମର୍ଥକଙ୍କ ସହିତ ବିଜେଡିରେ ଯୋଗ ଦେଇଥିଲେ। ବିଧାୟକ ସେମାନଙ୍କୁ ଫୁଲତୋଡା ଦେଇ ସ୍ୱାଗତ କରିଥିଲେ। ଏହାସହିତ ତେଣ୍ଟୋଲୋଇ କୋଡାସାହି ପଞ୍ଚାୟତର ବିକାଶ ପାଇଁ କାର୍ଯ୍ୟ କରିବା ନିମନ୍ତେ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ ଛେଣ୍ଡିପଦା ବିଧାୟକଙ୍କ ପ୍ରତିନିଧି ପ୍ରଦୀପ କୁମାର ସାହୁ, ବିପିନ ସାହୁ, ସୁମନ୍ତ ସାହୁ, କାଳିଆ ସାହୁ, ସଞ୍ଜୟ ମାଝୀ, ବିଶ୍ୱରଞ୍ଜନ ମାଝୀ, ନିରାକାର ସେଠୀ, ସୁଶାନ୍ତ ଦେହୁରୀ, ବିପିନ ବିହାରୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ